ISSN: 2456-9194, Vol. IV, Issue. I, June 2020

ପ୍ରତ୍ୟୟ
(Journal of Odia Language, Culture and Science)
Peer-Reviewed Journal - Homepage: http://cphfs.in/research.php



# ୧୭୧୦ରୁ ୨୦୧୪ ମସିହା ମଧ୍ୟରେ ଓଡ଼ିଶାରେ ପ୍ରଣୀତ ପ୍ରତିନିଧିସ୍ଥାନୀୟ ବିବିଧ ଶବ୍ଦକୋଷ: ଏକ ମାଇକ୍ରୋ ସମୀକ୍ଷାତ୍ମକ ମୂଲ୍ୟାୟନ

**ଡ ରବୀନ୍ଦ୍ର କୁମାର ଦାସ**
ଓଡ଼ିଆ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ
Email: rabindra21das@gmail.com

***ସଂକ୍ଷିପ୍ତସାର:*** *ଏହି ପ୍ରବନ୍ଧରେ ୧୭୧୦ ରୁ ୨୦୧୪ ମଧ୍ୟରେ ପ୍ରଣୀତ ଓଡ଼ିଆ ସମଭାଷୀ ଶବ୍ଦକୋଷଗୁଡ଼ିକୁ ଭିତ୍ତିକରି ଆଲୋଚନା କରାଯାଇଛି । ଓଡ଼ିଆ ଶବ୍ଦକୋଷ ଦୀର୍ଘ ଦୁଇ ଶହ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ବହୁବିଧ ସମ୍ପୃକ୍ତି ମଧ୍ୟ ଦେଇ ବିକାଶ ଲାଭ କରିଛି । ସେଗୁଡ଼ିକର ବ୍ୟାବହାରିକ ବୈଶିଷ୍ଟ୍ୟକୁ ଏଇ ପ୍ରବନ୍ଧରେ ସମୀକ୍ଷାତ୍ମକ ଦୃଷ୍ଟିରୁ ତର୍ଜମା କରାଯାଇଛି । କେଉଁ କେଉଁ ପଦ୍ଧତିରେ ସେହି କୋଷଗ୍ରନ୍ଥଗୁଡ଼ିକରେ ନୂତନତା ସଂଯୁକ୍ତ ହୋଇଛି ସେ ସବୁର ଆକଳନ ମଧ୍ୟ ଏହି ପ୍ରବନ୍ଧରେ ପରୀକ୍ଷା ଏବଂ ପ୍ରୟୋଗ ଭିତ୍ତିରେ କରାଯାଇଛି ।*

***ସୂଚନାମୂଳକ ଶବ୍ଦ:*** *କୋଷକଳା, କୋଷବିଜ୍ଞାନ, ଆଧୁନିକ ଶବ୍ଦକୋଷ, ବର୍ଣ୍ଣାନୁକ୍ରମିକତା, ସମଭାଷିକତା*

## ଉପକ୍ରମ:

ୟୁରୋପୀୟମାନେ ଭାରତକୁ ଆଗମନ କରିବାଦ୍ୱାରା ପାଶ୍ଚାତ୍ୟ ନବଜାଗରଣଜ ସଭ୍ୟତା, ସଂସ୍କୃତି, ସାହିତ୍ୟ ଏବଂ ଅଭିନବ ଶିକ୍ଷା ପ୍ରଣାଳୀ ତଥା ଜୀବନଧାରା ପ୍ରଭୃତିର ପ୍ରଭାବ ଭାରତୀୟମାନଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରିଥିଲା । ଫଳତଃ ଭାରତୀୟମାନେ ସେଇ ପାଶ୍ଚାତ୍ୟ ସଂସ୍କୃତି, ସଭ୍ୟତାକୁ ଆହରଣ କରିଥିଲେ ଏବଂ ତତ୍‌ସହିତ ଭାରତୀୟ ପୁରାତନତାର ନବୀକରଣ ପାଇଁ ଆଗ୍ରହ ପ୍ରଦର୍ଶନ କରି ଭାରତରେ ନବଜାଗରଣ ସୃଷ୍ଟି କରିଥିଲେ । ଏହି ନବଜାଗରଣର ଅନ୍ୟତମ ଫଳଶ୍ରୁତି ଥିଲା ପାଶ୍ଚାତ୍ୟ ଶୈଳୀରେ ପ୍ରଣୀତ ଆକ୍ଷରାନୁକ୍ରମିକ ଅଭିଧାନ ରଚନା କରିବାର ଆଗ୍ରହ ବିଶେଷ । ମିଶନାରୀମାନଙ୍କ ଦ୍ୱାରା ଏହି ଉଦ୍ୟମ ପ୍ରଥମେ ହୋଇଥିଲା ଏବଂ ପରେ ପରେ ଭାରତୀୟମାନଙ୍କ ମଧ୍ୟରେ ଏହା ପ୍ରତି ଆଗ୍ରହ ଦେଖାଦେଇଥିଲା । ଏହି କ୍ରମରେ ଓଡ଼ିଶାରେ ଶାସକ-ଶାସିତ ସମ୍ପର୍କକୁ ଅଧିକ ନିକଟବର୍ତ୍ତୀ, ପ୍ରାଶାସନିକ କାର୍ଯ୍ୟକୁ ଅଧିକ ସହଜ-ସୁଗମ, ତଥା ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ୟୁରୋପୀୟମାନେ ଅଭିଧାନ ପ୍ରଣୟନ ପାଇଁ ଉଦ୍ୟମ କରିଥିଲେ । ସେଥିପାଇଁ ଏହି ଅଭିଧାନଗୁଡ଼ିକ ପ୍ରାରମ୍ଭିକ ପର୍ଯ୍ୟାୟରେ ଦ୍ୱିଭାଷିକ ଅର୍ଥାତ୍ ଇଂରାଜୀ-ଓଡ଼ିଆ କିମ୍ବା ଓଡ଼ିଆ-ଇଂରାଜୀ ଥିଲା । ଓଡ଼ିଶାରେ ଏହା ପୂର୍ବରୁ ୧୭୧୦ ମସିହାରେ ଉପେନ୍ଦ୍ର ଭଞ୍ଜ 'ଗୀତାଭିଧାନ' ନାମକ ଏକ ପଦ୍ୟଛନ୍ଦଃନିବଦ୍ଧ ଅଭିଧାନ ପ୍ରସ୍ତୁତ କରିଥିଲେ । ଏହା ପ୍ରାନ୍ତାକ୍ଷର ଆନୁକ୍ରମିକତାଯୁକ୍ତ ଏକ ଛନ୍ଦୋବଦ୍ଧ ଅଭିଧାନ ଥିଲା। ସଂସ୍କୃତ ପଦ୍ୟଛନ୍ଦଃନିବଦ୍ଧ ଅଭିଧାନ ହିଁ ଏହି ଅଭିଧାନର ଆଦର୍ଶ ଥିଲା । ଏହାପରେ ୧୮୧୧ ମସିହାରେ ସର୍ବପ୍ରଥମେ ପାଶ୍ଚାତ୍ୟ ଶୈଳୀରେ ଅଭିଧାନ ପ୍ରଣୟନ କଲେ ମୋହନପ୍ରସାଦ ଠାକୁର । ୧୮୧୧ ମସିହାରୁ ୨୦୧୪ ପର୍ଯ୍ୟନ୍ତ ଦୀର୍ଘ ୨୦୩ବର୍ଷ ମଧ୍ୟରେ ଓଡ଼ିଆରେ ଯେଉଁ ସମଭାଷୀ, ଦ୍ୱିଭାଷୀ, ଚତୁର୍ଭାଷୀ ଏବଂ ଅନ୍ୟାନ୍ୟ ଅଭିଧାନମାନ ପ୍ରଣୀତ ହୋଇଛି, ସେଗୁଡ଼ିକରେ ଅଧ୍ୟୟନ ପରେ ଯେଉଁ ନିଷ୍କର୍ଷ ପ୍ରାପ୍ତ ହୋଇଛି, ତାହାକୁ ନିମ୍ନରେ ଆନୁକ୍ରମିକତା ଭିତ୍ତିରେ ସଂଯୁକ୍ତ କରାଯାଉ ।

୧୮୧୧ ମସିହାରେ ପ୍ରଣୀତ ହୋଇଥିବା ମୋହନପ୍ରସାଦ ଠାକୁରଙ୍କ 'A Vocabulary Oriya And English For The Use Of Students' ଶବ୍ଦକୋଷରେ ସର୍ବପ୍ରଥମେ ଆଶୟଶବ୍ଦର ଉଚ୍ଚାରଣକୁ ଇଂରାଜୀ (ରୋମାନ) ଲିପିରେ ପ୍ରଦାନ କରାଯାଇଛି । ତେବେ ଏଥିରେ ଓଡ଼ିଆ ଶବ୍ଦଗୁଡ଼ିକୁ ବଙ୍ଗଳା ଉଚ୍ଚାରଣ ଶୈଳୀରେ ଲିପିବଦ୍ଧ କରାଯାଇଥିବାରୁ କଥିତ ଓଡ଼ିଆଭାଷାର ଶାବ୍ଦିକ ବିଶେଷତ୍ୱ ଉଲଂଘିତ ହୋଇଛି । ଏହା ହେଉଛି ପ୍ରଥମ ଓଡ଼ିଆ-ଇଂରାଜୀ ଦ୍ୱିଭାଷୀ ଶବ୍ଦକୋଷ ।

ଆମସ୍ ସଟନଙ୍କଠାରୁ ଆରମ୍ଭ ହୋଇଛି ଓଡ଼ିଆ ଭାଷାରେ ସର୍ବପ୍ରଥମ ବିଶୁଦ୍ଧ ସମଭାଷୀ ଏବଂ ଦୁଇଭାଷୀ ଅଭିଧାନ ପ୍ରଣୟନ ପରମ୍ପରାର ସାରସ୍ୱତ ଅଭିଯାନ । ସେ ଦୁଇଟି ଦ୍ୱିଭାଷୀ ଏବଂ ଦୁଇଟି ସମଭାଷୀ ଅଭିଧାନ ପ୍ରଣୟନ କରିଛନ୍ତି । ଗୋଟିଏ ସମଭାଷୀ ଅଭିଧାନ ଭୁବନାନନ୍ଦ ନ୍ୟାୟାଳଙ୍କାରଙ୍କ ମିଳିତ ଉଦ୍ୟମରେ ପ୍ରଣୀତ । ୧୮୪୧ ମସିହାରେ ପ୍ରଣୀତ ଇଂରାଜୀ-ଓଡ଼ିଆ ଶବ୍ଦକୋଷରେ ସ୍ଥାନିତ ଓଡ଼ିଆ ବ୍ୟାକରଣ ଗ୍ରନ୍ଥଟି ଯଥାସାଧ୍ୟ ବ୍ୟାକରଣଗତ ନିୟମ ନିର୍ଭରତାକୁ ପାଥେୟ କରି ପ୍ରସ୍ତୁତ ହୋଇଛି । ଏହା ହେଉଛି ଓଡ଼ିଆ ଦ୍ୱିଭାଷୀ ଅଭିଧାନରେ ସଂଯୋଜିତ ହୋଇଥିବା ଓଡ଼ିଆ ଭାଷାର ସର୍ବପ୍ରଥମ ବ୍ୟାକରଣ ଗ୍ରନ୍ଥ । ଏଭଳି ବ୍ୟାକରଣଗତ ଅଭିଧାନ ଏ ଯାବତ୍ ପ୍ରସ୍ତୁତ ହୋଇଥିବାର ଦୃଷ୍ଟାନ୍ତ ପ୍ରାୟତଃ କୌଣସି ଅଭିଧାନରେ ସଂଯୁକ୍ତ ହୋଇଥିବାର ଲକ୍ଷ୍ୟ କରାଯାଏ ନାହିଁ । ୧୮୪୩ ମସିହାରେ ପ୍ରଣୀତ ସଟନ ଏବଂ ନ୍ୟାୟାଳଙ୍କାରଙ୍କ ସମଭାଷୀ ଓଡ଼ିଆ ଅଭିଧାନରେ କେତେକତ୍ର 'ଙ୍କ' ସ୍ଥାନରେ 'କଂ' ର ପ୍ରୟୋଗ ହୋଇଛି । ଯଥା- ଲୋକଂକୁ(ଲୋକଙ୍କୁ), ଛାକୁଂଣି (ଛାଙ୍କୁଣି), ଇତ୍ୟାଦି । ଅନେକତ୍ର 'ଚନ୍ଦ୍ରବିନ୍ଦୁ' ପରିବର୍ତ୍ତେ 'ଅନୁସ୍ୱାର'ର ପ୍ରୟୋଗ ହୋଇଛି । ଯଥା- କାହିଂ, ପାଇଂ, କାହୁଂ,କାହିଂ, କେଉଂ, କେଉଂଠାରେ ଇତ୍ୟାଦି । ଏଇ ଧରଣର ବ୍ୟବହାରରେ ସାରଳା ଦାସୀୟ ପ୍ରଭାବ ଲକ୍ଷଣୀୟ । ୧୮୪୩ ମସିହାରେ ସଟନ ସାହେବଙ୍କ ଦ୍ୱାରା ଯେଉଁ ଅଭିଧାନଟି ପ୍ରଣୀତ ହୋଇଛି, ସେଥିରେ ପ୍ରତ୍ୟେକ ପୃଷ୍ଠାରେ ଲିପିବଦ୍ଧ ହୋଇଥିବା ଆଶୟଶବ୍ଦର ଆଦ୍ୟାଂଶର ସୂଚନାକୁ ସମ୍ପୃକ୍ତ ପୃଷ୍ଠାର ଉପରାଂଶରେ ସଂଯୁକ୍ତ କରାଯାଇଛି । ଏ ଧରଣର ପ୍ରୟାସ ପୂର୍ବରୁ ହୋଇ ନ ଥିଲା । ୧୮୪୩ ମସିହାରେ ସଟନଙ୍କର ଦ୍ୱାରା ପ୍ରଣୀତ ଦ୍ୱୈଭାଷିକ ଶବ୍ଦକୋଷଟିର ଏକ ବିଶେଷତ୍ୱ ହେଉଛି ବୈଦେଶିକ ଶବ୍ଦ ପାଇଁ 'ଷ୍ଟାର' ବା ' ତାରା ଚିହ୍ନ' ବ୍ୟବହାର କରିବା । ଶବ୍ଦଟି କେଉଁ ବୈଦେଶିକ ଶବ୍ଦଭଣ୍ଡାରର ଅନ୍ତର୍ଗତ, ତାହା ଏଥିରେ କୁହାଯାଇନାହିଁ ; କିନ୍ତୁ 'ତାରା ଚିହ୍ନ' ମାଧ୍ୟମରେ ତାହାକୁ ସ୍ୱତନ୍ତ୍ର ଭାବରେ ସୂଚିତ କରାଯାଇଛି ।

ପାଦ୍ରୀ ମିଲର ଏବଂ ମିଶ୍ରଙ୍କ ଦ୍ୱାରା ୧୮୬୮ ମସିହାରେ ଯେଉଁ ଦ୍ୱୈଭାଷିକ ଶବ୍ଦକୋଷଟି ପ୍ରଣୟନ ହୋଇଛି, ସେହି ଶବ୍ଦକୋଷର ସବା ଶେଷ ପୃଷ୍ଠାରେ ଏକ ଶ୍ଳୋକ, ମିଲର ଏବଂ ମିଶ୍ରଙ୍କୁ ଭିତ୍ତିକରି ସନ୍ନିବିଷ୍ଟ ହୋଇଛି । ସେଇ ଶ୍ଳୋକଟି ହେଉଛି- "ଭୂଲୋକେ ମତିମାନ୍ ସୁଧୀଶ୍ୱରପରୋ ସୁଖ୍ୟାତକୀର୍ତ୍ତି ଶ୍ଚ ଯଃ/ସୋଽୟଂ ସମ୍ପ୍ରତି ସଜ୍ଜନସ୍ୟ ସୁଖଦୋ ନାମ୍ନାପି ବୈ ମିଲ୍ଲରଃ ।/ ଏତଦ୍ଦେଶହିତାୟ ତୀକ୍ଷ୍ଣମନସା କୁର୍ଯ୍ୟାଚ୍ଚ ଶବ୍ଦାମ୍ବୁଧେ/ ରନ୍ୟେଽନ୍ୟାଦ୍ରଘୁନାଥ-ମିଶ୍ରକୃତିନା ସାକଂ ତୁ ଶବ୍ଦାକରଂ ।/ ସମାପ୍ତୋୟଂ ଗ୍ରନ୍ଥଃ ।" ପ୍ରଣେତାଙ୍କ ନାମକୁ ନେଇ ଏଭଳି ଶ୍ଳୋକ ରଚନା ଏ ଯାବତ୍ ରଚିତ ହୋଇଥିବା କୌଣସି ଓଡ଼ିଆ ଅଭିଧାନରେ ଲକ୍ଷ୍ୟ କରାଯାଏ ନାହିଁ ।

୧୮୮୩ ମସିହାରେ ପ୍ରଣୀତ 'ଶବ୍ଦନିଧି'ରେ ସର୍ବପ୍ରଥମେ ପ୍ରତ୍ୟେକ ବର୍ଣ୍ଣକୁ ପ୍ରଥମେ ଏକ ସୁନ୍ଦର ବର୍ଗାକାର ଚିତ୍ରଲିପି ମଧ୍ୟରେ ସ୍ଥାନିତ କରାଯାଇଛି । ଏହି ଚିତ୍ର ପୁଣି ସର୍ବତ୍ର ଏକାଭଳି ନୁହଁ । ତାହା ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ବକ୍ର କିମ୍ବା ରୈଖିକ ଆକୃତି ବିଶିଷ୍ଟ ଚିତ୍ରଲିପି ମଧ୍ୟରେ ସଜ୍ଜୀକୃତ ହୋଇଛି । ଏହି ପଦ୍ଧତି ମଧ୍ୟ ଓଡ଼ିଆ ଅଭିଧାନ ପ୍ରବର୍ତ୍ତନ ପରମ୍ପରାରେ ପ୍ରଥମ ବୋଲି କୁହାଯାଇପାରିବ । ୧୮୮୩ ମସିହା ପୂର୍ବରୁ ପ୍ରସ୍ତୁତ ହୋଇଥିବା ଅଭିଧାନଗୁଡ଼ିକରେ ଯେଉଁ ବ୍ୟାକରଣିକ ସଂବର୍ଗ ଥିଲା, ତାହା ଆଧୁନିକ ଅଭିଧାନ ପ୍ରଣୟନ ପଦ୍ଧତି ଅନୁସାରୀ ନ ଥିଲା । କିନ୍ତୁ ସର୍ବପ୍ରଥମେ ବ୍ୟାକରଣିକ ସଂବର୍ଗକୁ ସୂଚିତ କରାଇବା ପାଇଁ ବିଭିନ୍ନ ସାଙ୍କେତିକ ଚିହ୍ନ ମାଧ୍ୟମରେ ଆଲୋଚ୍ୟ 'ଶବ୍ଦନିଧି' ଅଭିଧାନରେ ଚତୁର୍ଭୁଜ ପଟ୍ଟନାୟକ ଉଦ୍ୟମ କରିଛନ୍ତି । ଯଥା- ବି. - ବିଶେଷ୍ୟ ପଦ, ବିଂ.- ବିଶେଷଣ ପଦ, କ୍ରି.ବି.- କ୍ରିୟା ବିଶେଷଣ ପଦ, ଅଂ.- ଅବ୍ୟୟ ପଦ, ସଂ.- ସର୍ବନାମ ପଦ ।

କୌଣସି ପ୍ରଣେତାଙ୍କ ନାମ ନ ଥାଇ ୧୮୮୯ ମସିହାରେ ଯେଉଁ 'ଦ୍ୱିଭାଷୀ' ଶବ୍ଦକୋଷଟି ପ୍ରଣୀତ ହୋଇଥିଲା, ସେଥିରେ ଇଂରାଜୀ ଶବ୍ଦର ଉଚ୍ଚାରଣଗତ ପ୍ରକ୍ରିୟାରେ ଓଡ଼ିଆ ଉଚ୍ଚାରଣଗତ ପ୍ରକ୍ରିୟାର ମୌଳିକ ସ୍ୱରୂପକୁ ଅବିକଳ ଭାବେ ରକ୍ଷା କରିବା ପାଇଁ ଉଦ୍ୟମ କରାଯାଇଛି । ଆଲୋଚ୍ୟ ଅଭିଧାନରେ ଏଇ ଯେଉଁ ବିଶୁଦ୍ଧତା ଅବଲମ୍ବିତ, ତାହା ଓଡ଼ିଆ 'ଦ୍ୱିଭାଷୀ' ଶବ୍ଦକୋଷରେ ସଂପୂର୍ଣ୍ଣ ଏକ ନୂତନ ପଦକ୍ଷେପ । ଯଥା- 'Cyclone' ଶବ୍ଦ ଉଚ୍ଚାରଣ ସମୟରେ ଯେଉଁ 'ସ' ଧ୍ୱନିଟି ଉଚ୍ଚାରିତ ହେଉଛି, ତାପାଇଁ 'ଦ୍ୱିଭାଷୀ'ରେ 'ସ' ର ବ୍ୟବହାର ହୋଇଛି । କିନ୍ତୁ Sunshine'ରେ ଯେଉଁ 'ସ' ଧ୍ୱନିଟି ଆସୁଛି, ତାପାଇଁ ଦ୍ୱିଭାଷୀରେ 'ଶ' ର ବ୍ୟବହାର ହୋଇଛି । ଏଭଳିକି ଅନେକ ଇଂରାଜୀ ଶବ୍ଦର ଉଚ୍ଚାରଣ ପାଇଁ 'ଷ' ର ବ୍ୟବହାର ମଧ୍ୟ ହୋଇଛି । ଇଂରାଜୀ ଶିକ୍ଷା କରୁଥିବା ଲୋକଙ୍କୁ ଇଂରାଜୀ ଉଚ୍ଚାରଣ ସମ୍ପର୍କରେ ସମୁଚିତ ଧ୍ୱନ୍ୟାତ୍ମକ ଧାରଣା ଦେବା ପାଇଁ 'ଦ୍ୱିଭାଷୀ'ର ଏଇ ଉଦ୍ୟମ ପ୍ରଶଂସନୀୟ ମନେହୁଏ ।

'ଦ୍ୱିଭାଷୀ' ଶବ୍ଦକୋଷର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ପ୍ରତ୍ୟେକ ପୃଷ୍ଠାର ଆଦ୍ୟ ଭାଗରେ ଗୋଟିଏ ଇଂରାଜୀ Proverb ସ୍ଥାନିତ କରି ସେହି ପୃଷ୍ଠାର ତଳଭାଗରେ ତାହାର ଅର୍ଥକୁ ଓଡ଼ିଆରେ କିମ୍ବା ସଂସ୍କୃତରେ ପ୍ରଦାନ କରିବା । ଯଥା- ୧. Honor God in all you do. ପ୍ରତ୍ୟେକ କାର୍ଯ୍ୟରେ ଈଶ୍ୱରଙ୍କୁ ମାନ୍ୟକର । ୨. The fear of God is the beginning of wisdom. ଈଶ୍ୱର ଭୟ ଜ୍ଞାନର ମୂଳ। ୩. Doing good is serving God. ସତ୍କାର୍ଯ୍ୟ ଈଶ୍ୱରଙ୍କର ସେବା ।

'ଉତ୍କଳ ଅଭିଧାନ' ପ୍ରଣେତା ଜଗନ୍ନାଥ ରାଓଙ୍କ ଦ୍ୱାରା ୧୮୯୧ ମସିହାରେ ପ୍ରଣୀତ ହୋଇଛି । ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିବା ଚାରିଗୋଟି "ସମଭାଷା ଓଡ଼ିଆ ଅଭିଧାନରେ ଧାତୁପ୍ରତ୍ୟୟ ନିବେଶିତ ହୋଇ ନ ଥିଲା କି ଶବ୍ଦମାନଙ୍କର ଶିଷ୍ଟ ପ୍ରୟୋଗ ପ୍ରଦର୍ଶିତ ହୋଇ ନ ଥିଲା । ଶବ୍ଦବ୍ୟୁତ୍ପତ୍ତି ଏବଂ ପଦପ୍ରୟୋଗ ହୋଇଥିବା କୌଣସି ସେଭଳି ସୁବୃହତ୍ ଶବ୍ଦକୋଷ ଓଡ଼ିଆରେ ନ ଥିଲା ।" ସେଥିପାଇଁ ଏକ ସମର୍ଥ, ସମୃଦ୍ଧ ଏବଂ ସଂପୂର୍ଣ୍ଣ ଆଭିଧାନିକ ଆଭିପ୍ରାୟିକତାକୁ ନେଇ ପ୍ରଣୀତ ହୋଇଥିବା ଏକ ସଫଳ ସମଭାଷୀ ଶବ୍ଦକୋଷ ଭାବରେ 'ଉତ୍କଳ ଅଭିଧାନ'କୁ ଗ୍ରହଣ କରାଯାଇପାରେ ।

କେତେକ ଆଶୟଶବ୍ଦର ବ୍ୟୁତ୍ପତ୍ତି ନିରୂପିତ ହୋଇ ନ ଥିଲେ ମଧ୍ୟ ସେଗୁଡ଼ିକ କେଉଁ ଶବ୍ଦବର୍ଗର ତାହାର ଐତିହାସିକ ସ୍ତର ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଏହି ଐତିହାସିକ ସଂବର୍ଗରେ 'ଦେଶଜ', 'ପ୍ରାକୃତିକ', 'ଯାବନିକ' ଆଦି ଆଶୟଶବ୍ଦାବଳୀକୁ ଅନ୍ତର୍ଭୁକ୍ତ କରାଯାଇଛି । ଯଥା- (୧) କଟାକଟି, ବି. (ପ୍ରାକୃତିକ) ହଣାହଣି, ଅନ୍ତର

 ISSN: 2456-9194, Vol. IV, Issue. I, June 2020

ବା ବିୟୋଗକରଣ । (୨) କଟାସ, ବି. (ଦେଶଜ) ବନ୍ୟ ବିଡ଼ାଳ । (୩) ପାଇଖାନା, (ଯାବନିକ) ମଳ ତ୍ୟାଗ କରିବାର ସ୍ଥାନ । (୪) ଠୋକର, ବି. (ହିନ୍ଦୀ) ବାଧା, ଆଘାତ । (୫) ଡକାଏତ, ବି. (ହିନ୍ଦୀ) ଖଣ୍ଟ, ଖଳଲୋକ । ଜଗନ୍ନାଥ ରାଓଙ୍କର 'ଉତ୍କଳ ଅଭିଧାନ'ରେ ଯେଉଁ ଲିଙ୍ଗଭିଭିକ ପ୍ରକରଣ ସଂବର୍ଗ ରହିଛି, ସେହି ଉଦ୍ୟମଟି ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ଯେ ଏକ ନବୀନ ସଂଯୁକ୍ତି, ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ତେବେ ଜଗନ୍ନାଥ ରାଓ ସ୍ୱପ୍ରଣୀତ 'ଉତ୍କଳ ଅଭିଧାନ' ଶବ୍ଦକୋଷସ୍ଥ ଆଶୟ ଶବ୍ଦ ସମୂହର ଯେଉଁ ଲିଙ୍ଗ ନିରୂପଣ କରିଛନ୍ତି, ତାହା ସଂସ୍କୃତ ଲିଙ୍ଗ ନିୟମରେ ସଂପାଦିତ ।

କେତେକ ଆଶୟଶବ୍ଦକୁ ତୁଳନାତ୍ମକ ବା ଐତିହାସିକ ସ୍ତର ଭିତ୍ତିରେ ଉପସ୍ଥାପନ କରାଯାଇଛି । ଏହା ମଧ୍ୟ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ସର୍ବପ୍ରଥମ ଉଦ୍ୟମ । ଯଥା- ତ୍ରି. ବିଂ. (ତୃ-ଇ) ସଂଖ୍ୟା ତ୍ରୟ; ଅନ୍ୟାନ୍ୟ ଭାଷାରେ ଏହାର ସୌସାଦୃଶ୍ୟ ଦେଖ, ଯଥା, ସଂସ୍କୃତ=ତ୍ରି, ଗ୍ରୀକ୍=ତ୍ରାଇସ୍, ଲାଟିନ୍=ତ୍ରେସ୍, ଜର୍ମାନ୍=ତ୍ରାଇ, ଇଂରାଜୀ=ଥ୍ରି, ବଙ୍ଗଳା=ତିନି । କେତେକ ଆଶୟ ଶବ୍ଦକୁ ବ୍ୟାଖ୍ୟା କରିବା ପାଇଁ ଆବଶ୍ୟକସ୍ଥଳେ 'ଇଂରାଜୀ' ଶବ୍ଦର ସାହାଯ୍ୟ ନିଆଯାଇଛି । ଏଭଳି କୋଷଲେଖମୂଳକ ମୌଳିକ ସଂଯୋଜନା ସମଭାଷୀ ଓଡ଼ିଆ ଅଭିଧାନ ରଚନା ପରମ୍ପରା ଇତିହାସରେ ମଧ୍ୟ ସର୍ବପ୍ରଥମ ।

ସମଭାଷୀ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ବ୍ୟାଖ୍ୟାମୂଳକ ଉଦ୍ଧୃତି ପ୍ରଦାନ ପ୍ରକରଣର ଉଦ୍ୟମ ମଧ୍ୟ ସର୍ବପ୍ରଥମେ ଜଗନ୍ନାଥ ରାଓଙ୍କ ଦ୍ୱାରା କରାହୋଇଛି । ଜଗନ୍ନାଥ ରାଓ ସର୍ବପ୍ରଥମେ ଆଶୟ ଶବ୍ଦଗୁଡ଼ିକର ଅତିରିକ୍ତ ବ୍ୟାଖ୍ୟା ତଥା ସରଳୀକରଣ ପାଇଁ ବିଭିନ୍ନ କାବ୍ୟ-କବିତାରୁ ଉଦ୍ଧୃତି ସଂଗ୍ରହ କରି ସ୍ୱପ୍ରଣୀତ ଅଭିଧାନରେ ସେଗୁଡ଼ିକୁ ଲିପିବଦ୍ଧ କରିଛନ୍ତି । ଏଥିପାଇଁ ସେ ଓଡ଼ିଆ କାବ୍ୟ-କବିତାରୁ ଆରମ୍ଭ କରି ସଂସ୍କୃତ କାବ୍ୟକବିତା ପର୍ଯ୍ୟନ୍ତ ସାହାଯ୍ୟ ନେଇଛନ୍ତି । ତନ୍ମଧ୍ୟରୁ କେତେକ ଦୃଷ୍ଟାନ୍ତ ନିମ୍ନରେ ସଂଯୁକ୍ତ କରାଯାଉ । ଯଥା- ୧) ସାରସ, ବି. ପୁଂ. (ସରସ୍+ଅ) ହଂସ; ସ୍ୱନାମପ୍ରସିଦ୍ଧ ଜଳଚର ପକ୍ଷୀ, ଯଥା, " ସୁଖେ ବସନ୍ତି ତହିଁ ହଂସ ସାରସ, / ବର୍ଷାଗମେ ମାନସେ ନାହିଁ ମାନସ ।"(ମେ. ଦୂ.)

ଉଦ୍ଧୃତି ଚିହ୍ନର ପ୍ରୟୋଗ ପ୍ରଥମ କରି ଜଗନ୍ନାଥ ରାଓ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ପ୍ରଚଳନ କରାଇଛନ୍ତି । କୌଣସି ଶବ୍ଦର ଅବବୋଧମୂଳକ ସ୍ପଷ୍ଟତା ପାଇଁ ବିଭିନ୍ନ କାବ୍ୟ-କବିତାରୁ ଯେଉଁ ପଂକ୍ତିଗୁଡ଼ିକୁ ଉଦ୍ଧାର କରାଯାଇଛି, ସେହି ପଂକ୍ତିଗୁଡ଼ିକୁ ଉଦ୍ଧୃତି ଚିହ୍ନ ମାଧ୍ୟମରେ ଲିପିବଦ୍ଧ କରାଯାଇଛି ।

୧୮୯୧ ମସିହା ପର୍ଯ୍ୟନ୍ତ ରଚିତ ହୋଇଥିବା ସମସ୍ତ ପ୍ରକାରର ଅଭିଧାନ ମଧ୍ୟରେ ଚିତ୍ରଲିପିର ବ୍ୟବହାର ମଧ୍ୟ ସର୍ବପ୍ରଥମେ ଜଗନ୍ନାଥ ରାଓ କରିଛନ୍ତି । ଜଣା ଅଜଣା ଅସଂଖ୍ୟ ଚିତ୍ରଲିପିର ବିଚିତ୍ର ସମାବେଶ ଏହି ଅଭିଧାନରେ ଲକ୍ଷ୍ୟ କରାଯାଏ । କେତେକ ଚିତ୍ରର ତଳେ ନାମୋଲ୍ଲେଖ ହୋଇଥିବାବେଳେ ଆଉ କେତେକରେ ତାହା ନାହିଁ । ଚିତ୍ରଲିପିଗୁଡ଼ିକର ସଂଯୋଜନା ଦ୍ୱାରା ଆଧୁନିକ ଅଭିଧାନ ରଚନା ପଦ୍ଧତିର ଭିନ୍ନ ଏକ ସ୍ୱାତନ୍ତ୍ର୍ୟ ପ୍ରଦର୍ଶିତ ହୋଇଛି, ଯାହା ୧୮୯୧ ମସିହା ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିବା ସମଭାଷୀ ଅର୍ଥାତ୍ ନିରୋଳ ଓଡ଼ିଆ ଶବ୍ଦକୁ ନେଇ ପ୍ରଣୀତ ହୋଇଥିବା ଅଭିଧାନଗୁଡ଼ିକରେ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିବା 'ଅକ୍ସଫୋର୍ଡ' ଆଦି କେତେକ ଶବ୍ଦକୋଷରେ ଏଭଳି ଦୃଷ୍ଟାନ୍ତ ଲକ୍ଷ୍ୟ କରାଯାଏ ।

ଓଡ଼ିଆ ସମଭାଷୀ ଅଭିଧାନଗୁଡ଼ିକରେ ଆଶୟଶବ୍ଦର ବ୍ୟୁତ୍ପତ୍ତି ନିରୂପଣ ପ୍ରକ୍ରିୟା ଗୋପୀନାଥ ନନ୍ଦଶର୍ମାଙ୍କଠାରୁ ଆରମ୍ଭ ହୋଇଥିଲା ବୋଲି ଆମ୍ଭେମାନେ ଏପର୍ଯ୍ୟନ୍ତ ଜାଣିଆସିଥିଲୁ । ଗୋପୀନାଥ ନନ୍ଦଶର୍ମାଙ୍କ ବ୍ୟୁତ୍ପତ୍ତି ନିରୂପଣକୁ କେନ୍ଦ୍ର କରି ଅନେକ ତର୍କବିତର୍କ ମଧ୍ୟ ସୃଷ୍ଟି ହୋଇଥିଲା । କିନ୍ତୁ ଏହି ବ୍ୟୁତ୍ପରି ନିରୂପଣ କ୍ଷେତ୍ରରେ ଜଗନ୍ନାଥ ରାଓ ହେଉଛନ୍ତି ସର୍ବପ୍ରଥମ ଉଦ୍ୟମୀ । ନନ୍ଦଶର୍ମା ମଧ୍ୟ ତାଙ୍କରି ପଦାଙ୍କ ଅନୁସରଣ କରିଛନ୍ତି । କିନ୍ତୁ ଏହା ଏଯାବତ୍ ବିଶେଷ ଭାବରେ ଜଗନ୍ନାଥ ରାଓ ଗବେଷଣା ପରିସରଭୁକ୍ତ ହୋଇ ଚର୍ଚ୍ଚା ହୋଇନାହାନ୍ତି।

୧୮୯୧ ମସିହା ପୂର୍ବରୁ ପ୍ରଣୀତ ହୋଇଥିବା ସମଭାଷୀ ଓଡ଼ିଆ ଅଭିଧାନଗୁଡ଼ିକରେ ' ଉଦ୍ଧୃତି ଚିହ୍ନଯୁକ୍ତ ଉଦ୍ଧୃତାଂଶ'ର ବ୍ୟବହାର କରାଯାଇନାହିଁ । କୌଣସି ଶବ୍ଦର ଅବବୋଧମୂଳକ ସ୍ପଷ୍ଟତା ପାଇଁ ବିଭିନ୍ନ କାବ୍ୟ-କବିତାରୁ ଯେଉଁ ପଂକ୍ତିଗୁଡ଼ିକ ଉଦ୍ଧାର କରାଯାଇଛି, ସେହି ପଂକ୍ତିଗୁଡ଼ିକୁ ' ଉଦ୍ଧୃତି ଚିହ୍ନ' ମାଧ୍ୟମରେ ଲିପିବଦ୍ଧ କରାଯାଇଛି । ଜଗନ୍ନାଥ ରାଓଙ୍କର ଏତାଦୃଶ କୋଷକଳାମୂଳକ କୌଶଳକୁ ପରେ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ଗୋପାଳଚନ୍ଦ୍ର ପ୍ରହରାଜ ପ୍ରମୁଖ ବହୁ ମାତ୍ରାରେ ଅନୁସରଣ କରିଛନ୍ତି । କେତେକ ଆଶୟ ଶବ୍ଦକୁ ବ୍ୟାଖ୍ୟା କରିବା ପାଇଁ ଆବଶ୍ୟକସ୍ଥଳେ 'ଇଂରାଜୀ' ଶବ୍ଦର ସାହାଯ୍ୟ ନିଆଯାଇଛି । ଏଭଳି କୋଷଲେଖମୂଳକ ମୌଳିକ ସଂଯୋଜନା ସମଭାଷୀ ଓଡ଼ିଆ ଅଭିଧାନ ରଚନା ପରମ୍ପରା ଇତିହାସରେ ମଧ୍ୟ ସର୍ବପ୍ରଥମ ।

୧୮୯୧ ମସିହା ପର୍ଯ୍ୟନ୍ତ ରଚିତ ହୋଇଥିବା ସମସ୍ତ ପ୍ରକାର ଅଭିଧାନ ମଧ୍ୟରେ 'ଚିତ୍ରଲିପି' ସହିତ 'ଶବ୍ଦଲିପି' ମାଧ୍ୟମରେ ପାଠକକୁ କୌଣସି ଶବ୍ଦ ସମ୍ପର୍କରେ ଅବଗତ କରାଇବା ପ୍ରକ୍ରିୟା ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ଜଗନ୍ନାଥ ରାଓଙ୍କର ସର୍ବପ୍ରଥମ ଉଦ୍ୟମ । ଏହା ସଂଖ୍ୟାରେ ଅତ୍ୟଳ୍ପ ହେଲେ ମଧ୍ୟ ଏକ ଅଭିନବ ପଦକ୍ଷେପ । ଜଗନ୍ନାଥ ରାଓଙ୍କ 'ଉତ୍କଳ ଅଭିଧାନ'ରେ ଆଉ ଗୋଟିଏ ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଏ, ଯାହା ଅନ୍ୟ ଅଭିଧାନଗୁଡ଼ିକରେ ଅନୁପସ୍ଥିତ । ତାହା ହେଉଛି କେତେକ ଓଡ଼ିଆ ମିଶ୍ରକ୍ରିୟାର ପୂର୍ଣ୍ଣରୂପ ପ୍ରଦାନ ନ କରି ସଂକ୍ଷିପ୍ତରୂପ ପ୍ରଦାନ କରିବା ପ୍ରକ୍ରିୟା । ଯଥା- 'ଗମନ କ' (ଗମନ କରିବା), 'ବଧ କ' (ବଧ କରିବା), 'ପ୍ରତିବନ୍ଧକ ହେ' (ପ୍ରତିବନ୍ଧକ ହେବା) ଇତ୍ୟାଦି ।

ଆଲୋଚ୍ୟ ଅଭିଧାନର ଆଉ ଏକ ନବୀନ ଉଦ୍ୟମ ହେଉଛି କେତେକ ଶବ୍ଦର ଧାତୁ ନିରୂପଣ । ଏହି ପ୍ରକ୍ରିୟା 'ହ' ବର୍ଣ୍ଣଯୁକ୍ତ ଶବ୍ଦବର୍ଗ ପରେ ସମ୍ପାଦିତ ହୋଇଛି । 'ଧାତୁମାଳା' ନାମକ ପରିଚ୍ଛେଦରେ ଏହି ପ୍ରକ୍ରିୟା ସ୍ଥାନିତ । ଏଥିରେ 'ଅଗ୍, ଅଣ, ଅନ୍ଦ୍, ଅମ୍, ଆସ୍, ଇଖ୍, ଇତ୍, ଉଠ, ରକ୍ଷ, ଉୟ, ଏଠ୍, ଓଜ, କଡ୍‌ଡ୍‌, କ୍ଷନ୍‌ପ, ଖଚ୍, ଗା, ଘୁନଷ, ଚତ୍, ଛେଦ୍, ଜ୍ୱଳ, ଜ୍ଞା, ଝର୍ଝ, ଡନଭ୍, ଢୀକ, ଣୟ, ତଡ଼, ଦମ' ଆଦି ଧାତୁଗୁଡ଼ିକର ଅର୍ଥ, ବ୍ୟୁତ୍ପତ୍ତି ଦୃଷ୍ଟାନ୍ତ, ପର୍ଯ୍ୟାୟବାଚୀ ଅର୍ଥ, ଭିନ୍ନାର୍ଥ ଆଦି ପ୍ରଦାନ କରାଯାଇଛି । କେତେକ ଶବ୍ଦକୁ ଜଗନ୍ନାଥ ରାଓ 'ଅନୁକରଣାତ୍ମକ ଶବ୍ଦ' (Imitative words) ବର୍ଗର ବୋଲି ଉଲ୍ଲେଖ କରିଛନ୍ତି । ଏଭଳି ଉଦ୍ୟମ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ମଧ୍ୟ ସର୍ବପ୍ରଥମ ବୋଲି କୁହାଯାଇପାରେ ।

ଜଗନ୍ନାଥ ରାଓଙ୍କର 'ଉତ୍କଳ ଅଭିଧାନ'ରେ ଯେଉଁ ଲିଙ୍ଗଭିଭିକ ପ୍ରକରଣକୁ ସ୍ଥାନିତ କରାଯାଇଛି, ତାହା ମଧ୍ୟ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ଏକ ନବୀନ ସଂଯୁକ୍ତି । 'ଅପଭ୍ରଂଶବୋଧିନୀ'(୧୮୯୨) ଅଭିଧାନରେ ଅନେକ ଅପଭ୍ରଷ୍ଟ ଶବ୍ଦ ରହିଛି, ଯାହାର ମୂଳଶବ୍ଦ ନିରୂପିତ କରିବା ଅତ୍ୟନ୍ତ କଠିନ । ସେଗୁଡ଼ିକ

 ISSN: 2456-9194, Vol. IV, Issue. I, June 2020

ବିଭିନ୍ନ ସ୍ତର ଦେଇ ସାମ୍ପ୍ରତିକ ଅପଭ୍ରଂଶ ରୂପ ଗ୍ରହଣ କରିଛି । ତନ୍ମଧ୍ୟରୁ କେତେକ ଶବ୍ଦର ମୂଳରୂପକୁ ଆର୍ତ୍ତତ୍ରାଣ ଶତପଥୀ ଏଠାରେ ଚିହ୍ନଟ କରିବା ପାଇଁ ପ୍ରଚେଷ୍ଟା କରିଛନ୍ତି । ଯଥା- ୧– ହଜାର (ମୂଳ ଶବ୍ଦ ହେଉଛି ସଂସ୍କୃତ ସହସ୍ର । ଏହି ଶବ୍ଦଟି ନିମ୍ନମତେ ଅପଭ୍ରଷ୍ଟ ରୂପ ଧାରଣ କରିଛି । ଯଥା- କ- ସହସ୍ର > ସହସର > ହସର > ହଜର > ହଜାର । ଖ- ମୁଛ (ମୂଳ ଶବ୍ଦ ହେଉଛି ସଂସ୍କୃତ ଶ୍ମଶ୍ରୁ) ଶ୍ମଶ୍ରୁ > ମିଶ୍ର > ମଲ୍ଲ > ମୂଚ୍ଛୁ > ମୁଛ । ଗ- ଦଧିଭଦ୍ରା > ଦହିଆ > ଦୟା । ଘ- ଡୋରକ > ଡୋର > ଡୋରି > ଡଉରି > ଦଉରି > ଦଉଡ଼ି । ଙ- ଅବସ୍କର > ଓସ୍କରା > ଅସ୍କର > ଅସ୍କରା । ଚ- କିରାତତିକ୍ତ > ଚିରାତତିକ୍ତ > ଚିରାତିକ୍ତ > ଚିରାଇକ୍ତ > ଚିରାଇତ > ଚିରେଇତା । ଛ- ସାମ୍ମୁଖ୍ୟ > ସାମୁହ > ଛାମୁହ > ଛାମୁ । ଜ- ଦୁର୍ଜୟଲିଙ୍ଗ > ଦୁର୍ଜ୍ଜଲିଙ୍ଗ > ଡୁର୍ଜ୍ଜଲିଙ୍ଗ > ଡାର୍ଜ୍ଜଲିଙ୍ଗ > ଦାର୍ଜ୍ଜଲିଙ୍ଗ । ଝ- ଶ୍ମଶାନ > ମଶାନ > ମଶାଣ > ମଶାଣି । ଞ- ଖର୍ବଟ > ଖରବଟ > ଖରବଡ଼ > ଖରବାଡ଼ > କରବାଡ଼ ।

ଐତିହାସିକ ଏବଂ ତୁଳନାତ୍ମକ ଭାଷା ବିଜ୍ଞାନରେ ଏତାଦୃଶ ବ୍ୟୁତ୍ପତ୍ତି ନିର୍ଦ୍ଦେଶ ଲକ୍ଷ୍ୟ କରାଯାଏ । ଆର୍ତ୍ତତ୍ରାଣ ଶତପଥୀଙ୍କର ଏହି ଉଦ୍ୟମ ଅତ୍ୟନ୍ତ ସଂକ୍ଷିପ୍ତ ଭାବରେ ବିଶ୍ଳେଷିତ । ତଥାପି ଓଡ଼ିଆ ଭାଷାବୈଜ୍ଞାନିକ ଲେକ୍ସିକୋଗ୍ରାଫିକାଲ ବିଶ୍ଳେଷଣ କ୍ଷେତ୍ରରେ ଏହାକୁ ସର୍ବପ୍ରଥମ ସଂଯୋଗ ବୋଲି ଧରି ନିଆଯାଇ ପାରେ ।

ସ୍ୱପ୍ନେଶ୍ୱର ଦାସଙ୍କ ଦ୍ୱାରା 'କୋଷାଙ୍କୁର' ଶବ୍ଦକୋଷଟି ୧୯୦୭ ମସିହାରେ ପ୍ରଣୀତ ହୁଏ । ଏହା ପୂର୍ବରୁ ପ୍ରଣୀତ ହୋଇଥିବା ଅଭିଧାନଗୁଡ଼ିକରେ ସଂଖ୍ୟାଭିତ୍ତିକ ଆଶୟଶବ୍ଦକୁ ଭିତ୍ତିକରି ସଂକ୍ଷିପ୍ତ ଭାବରେ କେତେକ ବ୍ୟାଖ୍ୟା କରାଯାଇଥିଲେ ମଧ୍ୟ ଏକ ସ୍ୱତନ୍ତ୍ର ବର୍ଗ ଭାବରେ ସର୍ବପ୍ରଥମେ 'କୋଷାଙ୍କୁର' ଶବ୍ଦକୋଷରେ ସଂଖ୍ୟାମୂଳକ ଆଶୟଶବ୍ଦସମୂହକୁ ସଂଯୁକ୍ତ କରାଯାଇଛି । ଏଥିରେ ସର୍ବମୋଟ ୮୪ଟି ସଂଖ୍ୟାଭିତ୍ତିକ ଆଶୟଶବ୍ଦର ସମପର୍ଯ୍ୟାୟବାଚୀ ଏବଂ ଭିନ୍ନାର୍ଥବୋଧକ ଅର୍ଥନିରୂପିତ ହୋଇଛି । ସେଗୁଡ଼ିକ ମଧ୍ୟରେ ଏକ, ତ୍ରିଗୁଣ, ତ୍ରିଦଶା, ଚାରିଉପାୟ, ଚାରିଜୀବିକା, ପଞ୍ଚବଟ, ଅଷ୍ଟପଦ, ଅଷ୍ଟନାଗ, ନବଗ୍ରହ, ୧୦ଦିଗ, ବାରମାସ, ୧୪ ଭୁବନ, ୧୮ ବିଦ୍ୟା ଆଦି ଅନ୍ୟତମ । ବର୍ଣ୍ଣଗୁଡ଼ିକୁ ଏକତ୍ର ସଜ୍ଜୀକୃତ କରି ସେଗୁଡ଼ିକୁ ନେଇ ଯେଉଁ ଯେଉଁ ଭିନ୍ନାର୍ଥବାଚକ ଶବ୍ଦ ରହିଛି, ତାହାର ସବିଶେଷ ପରିଚୟ ପ୍ରଦାନ କରିବାର ସ୍ୱତନ୍ତ୍ର ଉଦ୍ୟମ ଓଡ଼ିଆ ଶବ୍ଦକୋଷ ରଚନା ପରମ୍ପରାରେ 'କୋଷାଙ୍କୁର' ଶବ୍ଦକୋଷରେ ସର୍ବପ୍ରଥମେ କରାଯାଇଛି । ବିଭିନ୍ନ ପ୍ରକାରର ଆଶୟଶବ୍ଦବର୍ଗ ସହିତ ଅପଭ୍ରଂଶ ଶବ୍ଦକୁ ସ୍ୱତନ୍ତ୍ର ଭାବରେ ସ୍ଥାନିତ କରିବାର ବ୍ୟବସ୍ଥା ପୂର୍ବରୁ ପ୍ରଣୀତ ହୋଇଥିବା କୌଣସି ସମଭାଷୀ ଶବ୍ଦକୋଷରେ ଦେଖାଯାଏ ନାହିଁ । କବିଭୂଷଣ ସ୍ୱପ୍ନେଶ୍ୱର ଦାସଙ୍କ ଦ୍ୱାରା 'କୋଷାଙ୍କୁର' ଶବ୍ଦକୋଷରେ ସ୍ୱତନ୍ତ୍ର ଭାବରେ ସମ୍ପୃକ୍ତ ଶବ୍ଦଗୁଡ଼ିକର ପଦ୍ୟରୂପ ପ୍ରଦାନ କରିବା ଉଦ୍ୟମଟି ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ସର୍ବପ୍ରଥମ ।

୧୯୦୯ ମସିହା ପର୍ଯ୍ୟନ୍ତ ପ୍ରଣୀତ ହୋଇଥିବା ସମସ୍ତ ଅଭିଧାନ ମଧ୍ୟରେ ଚିକିତ୍ସା ଶାସ୍ତ୍ର ସମ୍ପର୍କିତ ସର୍ବପ୍ରଥମ ଅଭିଧାନ ଭାବରେ 'ବୈଦ୍ୟକ ଅଭିଧାନ'କୁ ଗ୍ରହଣ କରାଯାଇଥାଏ ।

୧୯୧୬ ମସିହାରେ ପ୍ରକାଶିତ 'ଶବ୍ଦତତ୍ତ୍ୱବୋଧ ଅଭିଧାନ'ସ୍ଥ ପ୍ରତ୍ୟେକ ପୃଷ୍ଠାର ଉପରାଂଶର ଦୁଇ ପାର୍ଶ୍ୱରେ ସେହି ସେହି ପୃଷ୍ଠାର ଆରମ୍ଭ ଓ ଶେଷରେ କେଉଁ ଶବ୍ଦ ରହିଛି, ତାହା ଉଲ୍ଲେଖ କରାଯାଇଛି । ଧରାଯାଉ ୩୨ ପୃଷ୍ଠାରେ ବାମ ପାର୍ଶ୍ୱରେ ଯେଉଁ ଶବ୍ଦଗୁଡ଼ିକ ଅଛି ତାହାର ପ୍ରଥମ ଶବ୍ଦଟି ହେଉଛି 'ଅଧିମାସ' । ଏହି 'ଅଧିମାସ' ଶବ୍ଦଟି ସେହି ପୃଷ୍ଠାର ଉପରାଂଶସ୍ଥ ବାମ ପାର୍ଶ୍ୱରେ ମୁଦ୍ରିତ ହୋଇଛି । ସେହି ପୃଷ୍ଠାର ଦକ୍ଷିଣ ପାର୍ଶ୍ୱର ଶେଷ ଶବ୍ଦ ହେଉଛି 'ଅଧୀଶ' । ଏହି ଶବ୍ଦଟିକୁ ସମ୍ପୃକ୍ତ ପୃଷ୍ଠାର ଦକ୍ଷିଣ ପାର୍ଶ୍ୱସ୍ଥ ଶେଷାଂଶରେ ମୁଦ୍ରିତ କରାଯାଇଛି । ଫଳତଃ ପ୍ରତି ପୃଷ୍ଠାର ଆଦ୍ୟଶବ୍ଦ ଏବଂ ପ୍ରାନ୍ତଶବ୍ଦ କଣ ତାହା ସ୍ପଷ୍ଟ ବୁଝାପଡୁଛି । ଏହି କ୍ରମ କିନ୍ତୁ ପୂର୍ବ ଅଭିଧାନଗୁଡ଼ିକରେ ନାହିଁ । ଗୋପୀନାଥ ନନ୍ଦଶର୍ମାଙ୍କ ଅଭିଧାନରେ ବୈୟାକରଣିକ ସଂକ୍ଷିପ୍ତିମୂଳକ ପ୍ରକରଣ ପ୍ରତ୍ୟେକ ଆଶୟଶବ୍ଦ ପାଇଁ ରହିଥିଲେ ମଧ୍ୟ ତାଙ୍କ ଅଭିଧାନରେ କୌଣସି ସ୍ଥାନରେ ବି ସେଗୁଡ଼ିକର ପୂର୍ଣ୍ଣାଙ୍ଗରୂପ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ । ଏହି ଅଭିଧାନରେ ହଜାର ହଜାର ଉଦ୍ଧୃତାଂଶ ରହିଥିଲେ ମଧ୍ୟ ସେଗୁଡ଼ିକରେ କୌଣସିଥିରେ ଏକକ ଉଦ୍ଧୃତି କିମ୍ବା ଦ୍ୱି-ତୟ ଉଦ୍ଧୃତି ଚିହ୍ନର ବ୍ୟବହାର କରାଯାଇନାହିଁ ।

୧୯୧୬ ଯାବତ୍ ଅଭିଧାନ ରଚନା ପରମ୍ପରାରେ ଯେଉଁ ଯେଉଁ ଉଦ୍ୟମ କରାହୋଇ ଆସୁଥିଲା, ତାହାକୁ ଅଧିକ ଯଥାର୍ଥ ଏବଂ ବିଜ୍ଞାନ ସମ୍ମତ କରି ଉପସ୍ଥାପନ କରିଛନ୍ତି ଗୋପୀନାଥ ନନ୍ଦଶର୍ମା । ସେ ଜଣେ ପ୍ରଚଣ୍ଡ ପ୍ରତିଭାଧାରୀ ଭାଷାତତ୍ତ୍ୱବିଦ୍ ଥିବାରୁ ଓଡ଼ିଆ ଭାଷାର ଶବ୍ଦକୁ ବିଭିନ୍ନ ଦୃଷ୍ଟିରୁ ବ୍ୟାଖ୍ୟା କରିବା ପାଇଁ ପ୍ରୟାସ କରିଛନ୍ତି; କିନ୍ତୁ ତାଙ୍କ ଅଭିଧାନରେ ବହୁ ଓଡ଼ିଆ ଶବ୍ଦ ମଧ୍ୟ ଅନୁପସ୍ଥିତ।

୧୯୧୬ ମସିହାରେ ଗ୍ରୁଣ୍ଡିଙ୍କ ସମ୍ପାଦିତ The Concise Oriya-English ଅଭିଧାନରେ କେତେକ ତତ୍ସମମୂଳକ ଆଶୟଶବ୍ଦକୁ ତାରା ଚିହ୍ନ ମାଧ୍ୟମରେ ସ୍ଥାନିତ କରାଯାଇଛି । ଏହି ତାରା ଚିହ୍ନ ସଂଯୁକ୍ତ କରିବା ଦ୍ୱାରା ସେଗୁଡ଼ିକ ତତ୍ସମ ଶବ୍ଦବର୍ଗର ବୋଲି ସୂଚିତ ହେଉଛି । ଏହି ପ୍ରକ୍ରିୟା ପୂର୍ବରୁ ପ୍ରଣୀତ କୌଣସି ଶବ୍ଦକୋଷରେ ଲକ୍ଷ୍ୟ କରାଯାଏ ନାହିଁ । ଏହାକୁ ସର୍ବପ୍ରଥମ ଦୃଷ୍ଟାନ୍ତ ଭାବରେ ଗ୍ରହଣ କରାଯାଇପାରେ। ଗ୍ରୁଣ୍ଡିଙ୍କ ଅଭିଧାନରେ କେତେକ ସଂଖ୍ୟାବାଚକ ଆଶୟଶବ୍ଦର ଅର୍ଥ ନିରୂପଣ ସମୟରେ ଉଭୟ ଇଂରାଜୀ ଏବଂ ରୋମାନ୍ ସଂଖ୍ୟାଲିପିର ବ୍ୟବହାର କରାଯାଇଛି । ଯଥା- (୧) ବାଆନ, a. and n. fifty-two; 52; LII. (୨) ବତିସ, a. and n. thirty-two, 32; XXXII. ଏହିପରି ଦୃଷ୍ଟାନ୍ତ ପୂର୍ବରୁ ପ୍ରଣୀତ ହୋଇଥିବା ଅନ୍ୟ ଓଡ଼ିଆ-ଇଂରାଜୀ ଦ୍ୱିଭାଷୀ ଶବ୍ଦକୋଷଗୁଡ଼ିକରେ ନ ଥିବାରୁ ଏହାକୁ ସର୍ବପ୍ରଥମ ସଂଯୋଗ ଭାବରେ ଗ୍ରହଣ କରାଯାଇପାରେ ।

ଇଂରାଜୀ ପକେଟ୍ ଅଭିଧାନ ଆକୃତିର ସର୍ବପ୍ରଥମ ସମଭାଷୀ ଓଡ଼ିଆ ଅଭିଧାନ ହେଉଛି ମୃତ୍ୟୁଞ୍ଜୟ ରଥ ଏବଂ ଶ୍ରୀ ବାଞ୍ଛାନିଧି ମିଶ୍ରଙ୍କ ସଂକଳିତ 'ଓଡ଼ିଆ ପକେଟ୍ ଅଭିଧାନ'(୧୯୨୫) । ୧୯୩୨ ମସିହା ପୂର୍ବରୁ ପ୍ରସ୍ତୁତ ହୋଇଥିବା ସମଭାଷୀ ଓଡ଼ିଆ ଅଭିଧାନଗୁଡ଼ିକରେ ସଂସ୍କୃତ ଭାଷା ନିୟମ ଅନୁସାରେ 'ବର୍ଗ୍ୟ ବ' ଓ 'ଅବର୍ଗ୍ୟ ବ'କୁ ବର୍ଣ୍ଣମାଳା କ୍ରମେ ଭିନ୍ନ ଭିନ୍ନ ସ୍ଥାନରେ ଅର୍ଥାତ୍ 'ଫ' ପରେ ବର୍ଗ୍ୟ 'ବ' ଏବଂ 'ଲ' ପରେ ଅବର୍ଗ୍ୟ 'ବ'କୁ ସ୍ଥାନିତ କରାଯାଉଥିଲା;କିନ୍ତୁ 'ସରଳ ଉତ୍କଳ ଅଭିଧାନ'(୧୯୩୨)ରେ ପ୍ରଥମଥର ପାଇଁ ଦୁଇ 'ବ' କୁ ଏକତ୍ର ସ୍ଥାନିତ କରି ଶବ୍ଦକୋଷ ପ୍ରଣୟନ କରାଯାଇଛି ।

'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ୧୯୩୧ ରୁ ୧୯୪୦ ମଧ୍ୟରେ ପ୍ରଣୀତ ହୁଏ । ଏହି ଅଭିଧାନ ପ୍ରଣୟନ ପାଇଁ ଗୋପାଳଚନ୍ଦ୍ର ପ୍ରହରାଜ ଦୀର୍ଘ ୨୭ ବର୍ଷ ବ୍ୟାପୀ ସାଧନାମଗ୍ନ ଥିଲେ । ଏ ଦିଗରେ ତାଙ୍କର ସହକର୍ମୀଗଣଙ୍କର ଭୂମିକା ମଧ୍ୟ କୌଣସି ଗୁଣରେ କମ୍ ନ ଥିଲା । ଏଇ ଅଭିଧାନ ପ୍ରକାଶ ପାଇଁ ବିଭିନ୍ନ ସମୟରେ ସାହାଯ୍ୟ ସହଯୋଗର ହାତ ବଢ଼ାଇଥିବା ଅନେକ ଉତ୍କଳୀୟ, ଭାରତୀୟ ତଥା ବିଦେଶୀୟ ବ୍ୟକ୍ତିଙ୍କର ନାମ ମଧ୍ୟ ପ୍ରଣିଧାନ୍ୟଯୋଗ୍ୟ। ଡ. ବିଜୟ ପ୍ରସାଦ ମହାପାତ୍ର

 ISSN: 2456-9194, Vol. IV, Issue. I, June 2020

କହନ୍ତି- "ଦୁର୍ବଳତାଗୁଡ଼ିକ ସତ୍ତ୍ୱେ ପୂର୍ଣଚନ୍ଦ୍ର ଭାଷାକୋଷ ଭବିଷ୍ୟତ ପାଇଁ ପାଣ୍ଡିତ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ଗବେଷଣାର ଏକ ଆଦର୍ଶ ସୃଷ୍ଟି କରିଯାଇଛି । ହିନ୍ଦୀର 'ଶବ୍ଦସାଗର' ଓ ବଙ୍ଗଳାର 'ବିଶ୍ୱକୋଷ' ପରି ବଳଦିଆ ଧାରାରେ ଲିଖିତ ଦୁଇଟି ବିରାଟ ଗ୍ରନ୍ଥର ପ୍ରଭାବରୁ ମୁକ୍ତ ବୈଜ୍ଞାନିକ ରୀତିରେ ଭାଷାକୋଷ ସଂକଳନ କରିବା କେତେଦୂର ସମ୍ଭବ ଥିଲା, ତାହା ମଧ୍ୟ ବିଚାରକୁ ଆଣିବା ଉଚିତ ।" (ଉଦ୍ଧୃତ 'ପୂ.ଓ. ଭାଷାକୋଷ', ଭୂମିକା, ମହେନ୍ଦ୍ର ମିଶ୍ର, ଲାର୍କ ବୁକ୍ସ, ସେପ୍ଟେମ୍ବର ୫, ୨୦୦୭)

ଶବ୍ଦ ସଂଗ୍ରହ ପରେ ଯେତେବେଳେ ଗୋପାଳଚନ୍ଦ୍ର ପ୍ରହରାଜ ପ୍ରଣୟନ କାର୍ଯ୍ୟରେ ଅଗ୍ରସର ହେଲେ ସେତେବେଳେ ସେ ଉପଲବ୍ଧି କଲେ ଯେ ଓଡ଼ିଆରେ 'ବିଶ୍ୱକୋଷ' ଶ୍ରେଣୀର ଅଭିଜ୍ଞାନଗ୍ରନ୍ଥ ନାହିଁ ଏବଂ ଭାଷାତତ୍ତ୍ୱ ସମ୍ବନ୍ଧରେ ତୁଳନାତ୍ମକ ଗବେଷଣା ପାଇଁ ଓଡ଼ିଶାରେ ସେ ପର୍ଯ୍ୟନ୍ତ କୌଣସି ମୂଳଭିତ୍ତି ମଧ୍ୟ ସ୍ଥାପନ ହୋଇ ନ ଥିଲା । ତେଣୁ ଉତ୍କଳ ଭାଷାରେ ପ୍ରଚଳିତ ବ୍ୟାକରଣକୁ ଅନୁସରଣ କରି ସେହି ସଂଗୃହୀତ ଶବ୍ଦମାନଙ୍କର ବ୍ୟୁତ୍ପତ୍ତି, ଉତ୍ପତ୍ତି ଓ ଅନ୍ୟ ଭାଷା ସଙ୍ଗେ ସେଗୁଡ଼ିକର ସମ୍ବନ୍ଧ ନିର୍ଣ୍ଣୟ କରିବାରେ ସେ ତତ୍ପର ହୋଇଉଠିଲେ ।

ଏଇ ଅଭିଧାନରେ ଯେଉଁ ଯେଉଁ ନବୀନତା ରହିଛି, ତାହା ହେଲା-(କ) ପ୍ରବନ୍ଧ ମାଧ୍ୟମରେ ଆଶୟଶବ୍ଦକୁ ବ୍ୟାଖ୍ୟା କରିବାର ପଦ୍ଧତି- ଏ ଧରଣର ଶୈଳୀ ପୂର୍ବରୁ କୌଣସି ଅଭିଧାନରେ ଅନୁସୃତ ହୋଇନାହିଁ କି ଏ ପର୍ଯ୍ୟନ୍ତ ମଧ୍ୟ ହୋଇନାହିଁ । ଓଡ଼ିଆ ପ୍ରବନ୍ଧ ସାହିତ୍ୟର ବିବର୍ତ୍ତନ ଧାରାରେ ଏହାକୁ ଏକ ଗୁରୁତ୍ୱପୂର୍ଣ ପ୍ରୟାସ ଭାବରେ ଗ୍ରହଣ କରାଯାଇପାରେ । (ଖ) ଗ୍ରାମ୍ୟ ଲୋକମାନଙ୍କ ମୁଖରେ ବିରୂପିତ ହୋଇ କଥିତ ହୋଇଆସୁଥିବା ଶବ୍ଦାବଳୀର ସ୍ୱତନ୍ତ୍ର ବର୍ଗଭିତ୍ତିକ ପ୍ରସ୍ତୁତି ସର୍ବପ୍ରଥମେ ଗୋପାଳଚନ୍ଦ୍ରଙ୍କ ଆଲୋଚ୍ୟ 'ପୂ. ଓ. ଭାଷାକୋଷ'ରେ ହୋଇଛି । (ଗ) ଏଥିରେ ଯେଉଁ ଗୁଜୁରାଟୀ, ମରହଟ୍ଟା, ତେଲୁଗୁ, ତାମିଲ, ମାଳୟ ଭାଷା ପ୍ରଭୃତିର ଉଲ୍ଲେଖ ହୋଇଛି, ତାହା ପୂର୍ବରୁ ସଙ୍କଳିତ ହୋଇଥିବା କୌଣସି ଅଭିଧାନରେ ସ୍ୱତନ୍ତ୍ର ତଥା ବିସ୍ତାରିତ ଭାବରେ ଲକ୍ଷ୍ୟ କରାଯାଏନାହିଁ । (ଘ) ବ୍ୟାଖ୍ୟାକରଣ ପର୍ଯ୍ୟାୟରେ ସମୁଚ୍ଚ ବିସ୍ତାରଣ ଅନ୍ୟ କୌଣସି ଅଭିଧାନରେ ଲକ୍ଷ୍ୟ କରାଯାଏ ନାହିଁ । ଏହି ବିସ୍ତାରଣରେ ସଂରକ୍ଷିତ ହୋଇଥିବା ପ୍ରତ୍ୟେକ ବିଶେଷତାଯୁକ୍ତ ବ୍ୟାଖ୍ୟାକୁ ସ୍ୱତନ୍ତ୍ର ଭାବରେ ସଂକଳିତ କରାଯିବା ଉଚିତ । ଏହାଦ୍ୱାରା ଅନେକ ଅନାଲୋଚିତ ଦିଗନ୍ତ ଓଡ଼ିଆ ଭାଷା-ସାହିତ୍ୟ, ସମାଜ-ସଂସ୍କୃତି ପାଇଁ ଉନ୍ମୋଚିତ ହେବ । ସର୍ବଭାରତୀୟ ସ୍ତରରେ ଯେଉଁ ବିଶିଷ୍ଟ ଶବ୍ଦକୋଷମାନ ପ୍ରଣୀତ ହୋଇଛି, ତନ୍ମଧ୍ୟରେ 'ପୂ.ଓ. ଭାଷାକୋଷ'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ । ଏହା ବିଭିନ୍ନ ଭାଷାତତ୍ତ୍ୱବିଦ୍‌ମାନଙ୍କର ମତ ।

ପ୍ରମୋଦଚନ୍ଦ୍ର ଦେବପଟ୍ଟାୟତଙ୍କ ଦ୍ୱାରା ପ୍ରଣୀତ ଏବଂ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ଦ୍ୱାରା ପ୍ରକାଶିତ 'ପ୍ରମୋଦ-ଅଭିଧାନ'ରେ ସାଙ୍କେତିକ ଶବ୍ଦ ସ୍ଥାନିତ ହୋଇଥିବା ପୃଷ୍ଠାର ଠିକ ପରେ ପରେ ଯେଉଁ ପୃଷ୍ଠାଟି ରହିଛି, ତାହା ହେଉଛି 'ଅକ୍ଷରସୂଚୀ' । ଏହି 'ଅକ୍ଷରସୂଚୀ' ପୃଷ୍ଠାରେ ଯେଉଁ ଯେଉଁ ଅକ୍ଷରଗୁଡ଼ିକୁ ନେଇ ଆଶୟଶବ୍ଦ ବା ବିଷୟମୂଳକ ଶବ୍ଦ ରହିଛି, ସେହି ଅକ୍ଷରମୂଳକ ଶବ୍ଦଗୁଡ଼ିକ କେଉଁ ପୃଷ୍ଠାରୁ କେଉଁ ପୃଷ୍ଠା ପର୍ଯ୍ୟନ୍ତ ପରିବ୍ୟାପ୍ତ, ତାହା ସୂଚିତ । ଯଥା- ଅ-୧ପୃଷ୍ଠା ରୁ ୨୨୭ପୃଷ୍ଠା; ଇ, ଋ , ଏ- ୪୦୯ ପୃଷ୍ଠାରୁ ୪୨୭ ପୃଷ୍ଠା; ର-୨୨୭୭ ପୃଷ୍ଠାରୁ ୨୩୭୭ ପୃଷ୍ଠା; ହ - ୨୮୭୭ ପୃଷ୍ଠାରୁ ୨୯୫୨ପୃଷ୍ଠା ଇତ୍ୟାଦି । ଏହି ଧରଣର ଅକ୍ଷରସୂଚୀ ଏ ଯାବତ୍ ପ୍ରସ୍ତୁତ କୌଣସି ଅଭିଧାନରେ ଲକ୍ଷ୍ୟ କରାଯାଏ ନାହିଁ । 'ପ୍ରମୋଦ-ଅଭିଧାନ'ର ଏହି ଉଦ୍ୟମ ଓଡ଼ିଆ ଅଭିଧାନ ପ୍ରଣୟନ ପରମ୍ପରାରେ ସର୍ବପ୍ରଥମ ସଂଯୋଗ ଅଟେ । କିନ୍ତୁ ଏ କଥା ସ୍ମର୍ତ୍ତବ୍ୟ ଯେ ୧୯୪୨ ମସିହାରେ ପ୍ରଣୀତ ମୂଳ 'ପ୍ରମୋଦ-ଅଭିଧାନ' (ସୃଜନିକା ଦ୍ୱାରା ପ୍ରସ୍ତୁତ ହୋଇଥିବା ଇଲେକ୍ଟ୍ରିକ୍ ସଂସ୍କରଣ ସୌଜନ୍ୟ ଅନୁଯାୟୀ)ରେ ଏଭଳି 'ଅକ୍ଷରସୂଚୀ' ନାହିଁ ।

ଜଗନ୍ନାଥ ତ୍ରିପାଠୀଙ୍କ ପ୍ରଣୀତ 'ତ୍ରିପାଠୀଙ୍କ ସଂକ୍ଷିପ୍ତ ଓଡ଼ିଆ ଅଭିଧାନ (୧୯୪୮)ରେ ଅକ୍ଷରମୂଳକ ଆଶୟଶବ୍ଦ ବିନ୍ୟାସରେ କେତେକ ବ୍ୟତିକ୍ରମ ଦେଖାଯାଏ । ଯେଭଳିକି 'ଋ', 'ହ୍ରସ୍ୱ ଌ', 'ଦୀର୍ଘ ୡ' ର ବ୍ୟବହାର ଗୋପୀନାଥ ନନ୍ଦଶର୍ମା (୧୯୧୬- ଶବ୍ଦତତ୍ତ୍ୱବୋଧ ଅଭିଧାନ)ଙ୍କଠାରୁ ଆରମ୍ଭ କରି ଗୋପାଳଚନ୍ଦ୍ର (୧୯୩୦-ପୂ.ଓ.ଭା. ପ୍ରଥମ ଖଣ୍ଡ- ଅ-ଔ) ଏବଂ ପ୍ରମୋଦଚନ୍ଦ୍ର ପଟ୍ଟାୟତ (୧୯୪୨-ପ୍ରମୋଦ ଅଭିଧାନ)ଙ୍କ ପର୍ଯ୍ୟନ୍ତ ରହିଛି;କିନ୍ତୁ ପ୍ରଥମ କରି ୧୯୪୮ ମସିହାରେ ପ୍ରଣୀତ ଆଲୋଚ୍ୟ ଅଭିଧାନରେ ଏ ରୀତିକୁ ବର୍ଜନ କରାଯାଇଛି । ସଟନ ସାହେବ ଅଭିଧାନ ରଚନା କ୍ଷେତ୍ରରେ ଯେଉଁ ବୈଶିଷ୍ଟ୍ୟ ପ୍ରଦର୍ଶନ କରିଥିଲେ, ସେହି ବୈଶିଷ୍ଟ୍ୟ ଜଗନ୍ନାଥ ତ୍ରିପାଠୀ ପ୍ରଦର୍ଶନ କରିଛନ୍ତି । ଏଥିରେ ତାଙ୍କର ଓଡ଼ିଆ ପ୍ରାଣତା ସୃଷ୍ଟି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ;କିନ୍ତୁ ସଂସ୍କୃତ ରୀତିରେ ସେ 'କ' ବର୍ଗରେ 'କ୍ଷ' କୁ ସ୍ଥାନିତ କରିଛନ୍ତି । 'ଳ' ଓ 'ଲ' ଗୋଟିଏ ବର୍ଗରେ ସ୍ଥାନିତ । ସମୁଦାୟ ୨୯୧ ପୃଷ୍ଠା ବିଶିଷ୍ଟ (ତୃତୀୟ ସଂସ୍କରଣ) ଏହି ଅଭିଧାନଟି ଆକାର ଏବଂ ମୂଲ୍ୟ ଦୃଷ୍ଟିରୁ ଅତ୍ୟନ୍ତ ସୁଲଭ ହୋଇପାରିଛି । 'ପୂର୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ରେ ସର୍ବପ୍ରଥମେ ଓଡ଼ିଆ ଆଶୟଶବ୍ଦ ସହିତ ଇଂରାଜୀ, ହିନ୍ଦୀ ଏବଂ ବଙ୍ଗଳା ଶବ୍ଦ ଏବଂ ଅର୍ଥ ପ୍ରଦାନ କରାଗଲା;କିନ୍ତୁ ଏହା ଥିଲା ଏକ ଭାଷାକୋଷ । ଏହି ବ୍ୟବସ୍ଥା ପୂର୍ବରୁ କେତେକ ଶବ୍ଦକୋଷରେ ଦ୍ୱୈଭାଷିକ ରୂପରେ ଅର୍ଥାତ୍ ଇଂରାଜୀରୁ ଓଡ଼ିଆ କିମ୍ବା ଓଡ଼ିଆରୁ ଇଂରାଜୀ ଭାବରେ ଥିଲା । ସମଭାଷୀ ଓଡ଼ିଆ ଅଭିଧାନଗୁଡ଼ିକରେ କ୍ୱଚିତ୍ କେତେକ ସ୍ଥାନରେ ଓଡ଼ିଆ ଶବ୍ଦ ପାଇଁ ଇଂରାଜୀ ସମାର୍ଥବାଚକ ଶବ୍ଦର ବ୍ୟବହାର କରାଯାଉଥିଲା; କିନ୍ତୁ 'ତ୍ରିପାଠୀଙ୍କ ସଂକ୍ଷିପ୍ତ ଓଡ଼ିଆ ଅଭିଧାନ' ସଦୃଶ ଏକକାଳୀନ ଅଧିକାଂଶ ଓଡ଼ିଆ ଆଶୟଶବ୍ଦର ଅର୍ଥ ଓଡ଼ିଆରେ ପୁଣି ଇଂରାଜୀ ପ୍ରତିଶବ୍ଦରେ ପ୍ରଦାନ କରିବାର ପରମ୍ପରା ପ୍ରଥମେ ପ୍ରଣେତା ଜଗନ୍ନାଥ ତ୍ରିପାଠୀ ହିଁ ଆରମ୍ଭ କରିଛନ୍ତି । ଜଗନ୍ନାଥ ତ୍ରିପାଠୀଙ୍କ ଏହି ଉଦ୍ୟମ ପରବର୍ତ୍ତୀ ପର୍ଯ୍ୟାୟରେ ଅନେକ ଅଭିଧାନ ପ୍ରଣେତାଙ୍କୁ ମାର୍ଗ ନିର୍ଦ୍ଦେଶ କରିଛି ।

ରମଲା କରଙ୍କ 'ଅଭିନବ ସରଳ ଉତ୍କଳ ଅଭିଧାନ'(୧୯୬୧)ର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଅଭିଧାନର ସମଗ୍ର କଳେବର ମଧ୍ୟରେ ସମସ୍ତ ଆଶୟଶବ୍ଦ ଏବଂ ଆଶୟଶବ୍ଦ ବହିର୍ଭୂତ ବିଭିନ୍ନ ବିଷୟମୂଳକ ନାମ ଇତ୍ୟାଦିକୁ ନିରୋଳ ଆକ୍ଷରାନୁକ୍ରମିକ ପଦ୍ଧତିରେ ଉପସ୍ଥାପନ କରାଯାଇଛି, ଯାହା ଅନ୍ୟ ଅଭିଧାନ ପ୍ରଣେତାମାନଙ୍କଠାରେ ଲକ୍ଷ୍ୟ କରାଯାଏ ନାହିଁ । ଅର୍ଥାତ୍ ଅନ୍ୟ ଅଭିଧାନ ପ୍ରଣେତାମାନେ ଆଶୟଶବ୍ଦମୂଳକ ଉପସ୍ଥାପନରେ ଆକ୍ଷରାନୁକ୍ରମିକତା ରୀତି ଅବଲମ୍ବନ କରୁଥିବା ସମୟରେ ସାଙ୍କେତିକ ନାମୋଲ୍ଲେଖ କିମ୍ବା ଅନ୍ୟାନ୍ୟ ପ୍ରସଙ୍ଗରେ ସେହି ଆକ୍ଷରାନୁକ୍ରମିକତା ରୀତିକୁ ପ୍ରାୟତଃ ଅନୁସରଣ କରି ନାହାନ୍ତି; କିନ୍ତୁ ରମଲା କର ଏ ଦିଗରେ ଆମୂଳଚୂଳ ଆକ୍ଷରାନୁକ୍ରମିକ ପଦ୍ଧତିକୁ ଅନୁସରଣ କରି ଅଭିଧାନ ପ୍ରଣୟନ କରିଛନ୍ତି ।

ବାବା ବୈଦ୍ୟନାଥ ପାଢ଼ୀଙ୍କ ଦ୍ୱାରା ପ୍ରଣୀତ ବୃହତ୍ ଓଡ଼ିଆ ଅଭିଧାନ (୧୯୬୪) ଅଭିଧାନରେ ମୁଖ୍ୟ ଆଶୟଶବ୍ଦକୁ ପ୍ରଥମେ ସ୍ଥାନିତ କରାଯାଇ, ସେହି ଆଶୟଶବ୍ଦର ବିଶେଷ୍ୟ, ବିଶେଷଣ ପ୍ରଭୃତି ରୂପକୁ ଏକତ୍ର ଲିପିବଦ୍ଧ କରାଯାଇଛି । ଏହାଦ୍ୱାରା ପାଶ୍ଚାତ୍ୟ ଅଭିଧାନ

ପ୍ରଣୟନ କ୍ଷେତ୍ରରେ ଯେଉଁ ଅତ୍ୟାଧୁନିକ ପଦ୍ଧତି ଅନୁସୃତ ହୋଇଛି, ତାହାକୁ ପ୍ରଣେତା ଆପଣେଇବା ପାଇଁ ପ୍ରୟାସ କରିଛନ୍ତି । ଏ ପର୍ଯ୍ୟନ୍ତ ସଂକଳିତ ହୋଇ ଆସିଥିବା ଅଭିଧାନଗୁଡ଼ିକରେ ଏ ଧରଣର ଉଦ୍ୟମ ଲକ୍ଷ୍ୟ କରାଯାଏନାହିଁ । ବାବା ବୈଦ୍ୟନାଥ ପାଢୀଙ୍କର ଏଇ ଉଦ୍ୟମକୁ ଓଡ଼ିଆ ଅଭିଧାନ ପ୍ରଣୟନ ପରମ୍ପରା କ୍ଷେତ୍ରରେ ପ୍ରଥମ ଉଦ୍ୟମ ବୋଲି କୁହାଯାଇପାରିବ । ଗୋଟିଏ ଦୃଷ୍ଟାନ୍ତ ଦେଲେ ଏହା ସ୍ପଷ୍ଟ ହୋଇଯିବ । ଯଥା- ଅଗଣନ- ବିଂ. ଅସଂଖ୍ୟ, ଅସୁମାର, numberless । ଅଗଣନୀୟ- ବିଂ. ଅସଂଖ୍ୟ, numberless, countless; ଅଗ୍ରାହ୍ୟ- ଯାହା ବିବେଚିତ ବା ଗ୍ରହଣଯୋଗ୍ୟ ନୁହେଁ, unimportant, of an account । ଅଗଣିତ-ବିଂ, ଯାହା ଗଣାଯାଇ ନ ପାରେ, countless । ଅଗଣ୍ୟ-ବିଂ. ଅସଂଖ୍ୟ, countless। ଅଗଣ୍ୟ ଲୋକ, insignificant man.

ଉପର୍ଯୁକ୍ତ ଉଦାହରଣରେ ଅଗଣନ ହେଉଛି ମୁଖ୍ୟ ଆଶୟଶବ୍ଦ । ଏହାର ଅନ୍ୟ ବିଶେଷଣ ରୂପ, ବିଶେଷ୍ୟ ରୂପ ଏବଂ ଭିନ୍ନାର୍ଥ ବିଶିଷ୍ଟ ଶବ୍ଦ ଭାବରେ ସେହି ଅଗଣନ ଆଶୟଶବ୍ଦ ବର୍ଗରେ ଅଗଣନୀୟ, ଅଗ୍ରାହ୍ୟ, ଅଗଣିତ, ଅଗଣ୍ୟ ଆଦି ଶବ୍ଦକୁ ସ୍ଥାନିତ କରାଯାଇଛି । ଅବଶ୍ୟ ଅଗ୍ରାହ୍ୟ ଶବ୍ଦ ଏହି ଅଗଣନ ଆଶୟଶବ୍ଦର ପର୍ଯ୍ୟାୟଭୁକ୍ତ ହେବାର ନ ଥିଲା । ଏହି ଧରଣର ଦୃଷ୍ଟାନ୍ତ ପୂର୍ବରୁ ପ୍ରଣୀତ ହୋଇଥିବା କୌଣସି ଶବ୍ଦକୋଷରେ ଲକ୍ଷ୍ୟ କରାଯାଏନାହିଁ । ଏଇ ଧରଣର ବ୍ୟାଖ୍ୟାକରଣ ଦ୍ୱାରା ପରବର୍ତ୍ତୀ ସମୟରେ ଗିରୀଶଚନ୍ଦ୍ର ମିଶ୍ର, ନଟବର ଶତପଥୀ ପ୍ରମୁଖ ପ୍ରଭାବିତ ହୋଇ ନିଜ ନିଜ ଅଭିଧାନରେ ଏହାକୁ ସଫଳ ଭାବରେ ପ୍ରୟୋଗ କରିବା ପାଇଁ ପ୍ରୟାସ କରିଛନ୍ତି ।

ପଣ୍ଡିତ କୃଷ୍ଣଚନ୍ଦ୍ର କରଙ୍କ ଦ୍ୱାରା ପ୍ରଣୀତ 'ତରୁଣ ଶବ୍ଦକୋଷ' (୧୯୬୭)ରେ ଯେଉଁ ଯେଉଁ ବିଶେଷତ୍ୱ ରହିଛି, ସେଗୁଡ଼ିକୁ ଉଭୟ ଗୁଣମୂଳକ ଏବଂ ଦୋଷମୂଳକ ଦୃଷ୍ଟିରୁ ଆକଳନ କରାଯାଇପାରେ ।

### ୧. ଗୁଣମୂଳକ ଆକଳନ:

(କ) ଆଶୟଶବ୍ଦଗୁଡ଼ିକର ବିପରୀତ ଶବ୍ଦରୂପ, ବିଶେଷଣ ବା ବିଶେଷ୍ୟ ରୂପ, ପୁଂଲିଙ୍ଗ ବା ସ୍ତ୍ରୀଲିଙ୍ଗରୂପ ଆଦିକୁ ସ୍ୱତନ୍ତ୍ର ଭାବରେ ଅଭିଧାନରେ ସଂଯୁକ୍ତ ନ କରାଇ ଆବଶ୍ୟକସ୍ଥଳେ ଆଶୟଶବ୍ଦର ଶେଷାଂଶରେ ବିପରୀତ ରୂପ କିମ୍ବା ବିଶେଷ୍ୟ, ବିଶେଷଣ ରୂପ କିମ୍ବା ପୁଂଲିଙ୍ଗ ବା ସ୍ତ୍ରୀଲିଙ୍ଗବାଚକ ରୂପ ପ୍ରଦାନ କରାଯାଇଛି ।

(ଖ) ଅନେକ ଅପଭ୍ରଷ୍ଟ ଶବ୍ଦକୁ 'ଇ-କାରାନ୍ତ' କରି ଲେଖାଯାଇଛି ।

(ଗ) ବର୍ଗୀୟ 'ବ' ଏବଂ ଅବର୍ଗୀୟ 'ବ' ମଧ୍ୟରେ ଓଡ଼ିଆରେ ଧ୍ୱନି ପାର୍ଥକ୍ୟ ନ ଥିବାରୁ ପୂର୍ବପ୍ରଣୀତ ଅଭିଧାନଗୁଡ଼ିକ ଭଳି ଏଥିରେ 'ଫ' ପରେ ବର୍ଗୀୟ 'ବ'କୁ ଏବଂ 'ଲ' ପରେ ଅବର୍ଗୀୟ 'ବ'କୁ ସ୍ଥାନ ଦିଆ ନ ଯାଇ 'ଫ' ଅକ୍ଷର ପରେ ଉଭୟ 'ବ'ଯୁକ୍ତ ଆଶୟଶବ୍ଦକୁ ସ୍ଥାନିତ କରାଯାଇଛି ।

(ଘ) 'ଶିଫାରିଶ, ପେଶ, ତମାଶା' ପ୍ରଭୃତି ଯାବନିକ ଶବ୍ଦକୁ ଏହି ଶବ୍ଦକୋଷରେ ' ସିପାରିସ, ପେସ, ତମାସା' ପ୍ରଭୃତି ରୂପରେ ଲେଖାଯିବା ଦ୍ୱାରା ଉଚ୍ଚାରଣଗତ ଦୃଷ୍ଟିରୁ ସ୍ୱାଭାବିକତା ଲକ୍ଷିତ ହୋଇଛି।

(ଙ) 'କ୍ଷ' ଅକ୍ଷର ଯୁକ୍ତ ଆଶୟଶବ୍ଦଗୁଡ଼ିକୁ ସଂସ୍କୃତ ରୀତି ଅନୁସାରେ 'କ' ବର୍ଗରେ ସ୍ଥାନିତ ନ କରାଇ 'କ' ଏବଂ 'ଖ' ବର୍ଗ ମଧ୍ୟରେ ଏକ ସ୍ୱତନ୍ତ୍ର ବର୍ଗ ଭାବରେ ଲିପିବଦ୍ଧ କରାଯାଇଛି ।

(ଚ) 'ଞ', 'ଣ', 'ନ' ମିଶ୍ରିତ ସମନ୍ୱିତ ଶବ୍ଦମାନଙ୍କୁ ଇଚ୍ଛାକ୍ରମେ ଅନୁସ୍ୱାର ଯୁକ୍ତ କରିପକାଇବାରେ ଶାଳୀନତା ନ ଥିବାରୁ 'ଷଣ୍ଢ, ଚନ୍ଦନ, କଣ୍ଠ, ଅଞ୍ଜଳି' ଆଦି ଶବ୍ଦକୁ 'ଷଂଢ, ଚଂଦନ୍, କଂଠ, ଅଂଜଳି' ଭାବରେ ଏଇ ଅଭିଧାନରେ ଲିପିବଦ୍ଧ କରାଯାଇନାହିଁ ।

(ଛ) 'ସଠିକ୍, ସଜାଗ, ଆବଶ୍ୟକୀୟ, ବାହ୍ୟିକ, ନିଃସ୍ୱାର୍ଥପର' ପ୍ରଭୃତି ଶବ୍ଦର ସାହିତ୍ୟିକ ବ୍ୟବହାର ସଂପୂର୍ଣ୍ଣ ଅଶୁଦ୍ଧ ଓ ଅସିଦ୍ଧ ହୋଇଥିବାରୁ ସେଗୁଡ଼ିକୁ ଅଶୁଦ୍ଧ ବୋଲି ପରିଶିଷ୍ଟ ପର୍ଯ୍ୟାୟରେ ଉଲ୍ଲେଖ କରାଯାଇଛି ।

(ଜ) 'ଉପର୍ଯ୍ୟୁକ୍ତ, ଉରଜ, ସୃଜନ, ମର୍ମନ୍ତୁଦ, ନିର୍ଭୁଲ, କୁରଗ, କଳନ୍ତର, ମନାନ୍ତର, ମୋହ୍ୟମାନ, ସମସାମୟିକ, ସଂଗଠନ, ସଂକ୍ରାନ୍ତୀୟ, ସଘନ, ସଧୀର, ସଚଳ, ପଞ୍ଚବାର୍ଷିକ' ପ୍ରଭୃତି ତଥାକଥିତ ଅଶୁଦ୍ଧ ଶବ୍ଦକୁ ଏହି ଅଭିଧାନରେ ଦେଶଜ ଶବ୍ଦ ରୂପେ ଗ୍ରହଣ କରାଯାଇଛି ।

### ୨. ଦୋଷମୂଳକ ଆକଳନ:

(କ) ବ୍ୟାକରଣ ଦୃଷ୍ଟିରୁ 'ରାଜନୀତିକ', 'ସାମସମୟିକ' ଆଦି ଶବ୍ଦ ଶୁଦ୍ଧ ହୋଇଥିଲେ ମଧ୍ୟ ସେଗୁଡ଼ିକର ପ୍ରଚଳିତ ଅଶୁଦ୍ଧ ରୂପ 'ରାଜନୈତିକ', 'ସମସାମୟିକ' ଆଦିର ଏକତ୍ର ସମାବେଶ ଦ୍ୱାରା କୋଷ ବୈଜ୍ଞାନିକ ଯଥାର୍ଥତା ରକ୍ଷିତ ହୋଇପାରିନାହିଁ । ଫଳରେ କେଉଁ ଗୋଟିକ ଠିକ୍ ଏବଂ ବୈଧ, ତାହା ନିର୍ଣ୍ଣୟ କରିବାରେ ପାଠକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାଏ ।

(ଖ) ଏହି ଅଭିଧାନରେ ଅସଂଖ୍ୟ ଫାର୍ସୀ, ଆରବିକ, ପର୍ତ୍ତୁଗୀଜ, ଇଂରାଜୀ, ଦେଶଜ ପ୍ରଭୃତି ଶବ୍ଦର ନାମୋଲ୍ଲେଖ ହୋଇନାହିଁ । ଆମୁଖରେ ଥିବା ବୈଶିଷ୍ଟ୍ୟ ଦ୍ରଷ୍ଟବ୍ୟରେ ପ୍ରଣେତା ମହାଶୟ ତଦ୍ଭବ, ଦେଶଜ (ଓଡ଼ିଆ), ଯାବନିକ, ବୈଦେଶିକ ପ୍ରଭୃତି ଅନ୍ୟ ସମସ୍ତ ଶବ୍ଦକୁ ଅର୍ଥାତ୍ ଯେଉଁଗୁଡ଼ିକର ନାମୋଲ୍ଲେଖ ହୋଇନାହିଁ, ସେଗୁଡ଼ିକୁ ଏକ ବ୍ୟାପକ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଇଛନ୍ତି ବୋଲି ପ୍ରକାଶ କରିଥିଲେ ମଧ୍ୟ ଏହି ବ୍ୟବସ୍ଥା ଅନ୍ୟ ଅଭିଧାନଗୁଡ଼ିକରେ ଅନୁସୃତ ହୋଇ ନ ଥିବାରୁ ସମସ୍ୟା ଦେଖାଦେଇଛି ।

(ଗ) କେତେକ 'ଇ-କାରାନ୍ତ' ସଂସ୍କୃତ ଶବ୍ଦ ଯଥା- ଇଲୀଶ, ରୀଠା, ରୀଢ଼ା, ବଟୀ, ବ୍ରୀହି, ଦୋଳୀ, ପୁଞ୍ଜୀ, କାଞ୍ଜୀ, ଖଡ଼ୀ ଆଦି ସଂସ୍କୃତ ଶବ୍ଦକୁ 'ଇ-କାରାନ୍ତ', ଯଥା- ଇଲିଶି, ରିଠା, ରିହା, ବଢ଼ି, ବିରି, ଦୋଳି, ପୁଞ୍ଜି, କାଞ୍ଜି, ଖଡ଼ୀ ରୂପରେ ଏହି ଅଭିଧାନରେ ଲିଖିତ ହୋଇଥିଲେ ହେଁ ଏଗୁଡ଼ିକ ସର୍ବସମ୍ମତି ଏବଂ ସାଧାରଣିକତା ଦୃଷ୍ଟିରୁ ଏ ଯାବତ୍ ଓଡ଼ିଆ ଭାଷା ସାହିତ୍ୟରେ ମାନକ ଭାବରେ ଗୃହୀତ ହୋଇ ନ ଥିବାରୁ ଏ କ୍ଷେତ୍ରରେ ମଧ୍ୟ ସନ୍ଦିଗ୍ଧତା ନିଷ୍ପନ୍ନ ହୋଇଛି । ଏଭଳିକି ୨୦୧୪ ମସିହାରେ ପ୍ରଣୀତ ହୋଇଥିବା ଶବ୍ଦକୋଷ (ସାରସ୍ୱତ ଓଡ଼ିଆ ଭାଷାକୋଷ- ସଂକଳକ- କୃପାସିନ୍ଧୁ ବିଶ୍ୱାଳ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ-୨)ରେ 'ଇଲ୍ଲୀଶ' ଆଦି ଶବ୍ଦକୁ ବ୍ୟବହାର ସ୍ଥାନିତ କରାଯାଉଥିବାରୁ କେଉଁଟି

ଠିକ୍, କେଉଁଟି ଭୁଲ ଏବଂ କିଏ ଯଥାର୍ଥ, କିଏ ଅଯଥାର୍ଥ ତାହା ନିର୍ଣ୍ଣୟ କରିବାରେ ଦ୍ୱନ୍ଦ୍ୱ ଦେଖାଦେଇଥାଏ ।

(ଘ) ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ପ୍ରଚଳିତ ହୋଇଆସୁଥିବା ଅନେକ ଗତାନୁଗତିକ ପଦ୍ଧତିକୁ ପଣ୍ଡିତ କୃଷ୍ଣଚନ୍ଦ୍ର କର ଏଇ ଅଭିଧାନରେ ପରିବର୍ଜିତ କରିଛନ୍ତି । ଏହି ପରିବର୍ତ୍ତନକୁ ସେ ଗ୍ରହଣ କରିଛନ୍ତି ଏବଂ ଆଲୋଚ୍ୟ ଅଭିଧାନରେ ସେଗୁଡ଼ିକୁ ପ୍ରତିଷ୍ଠିତ କରିବା ପାଇଁ ପ୍ରୟାସ କରିଛନ୍ତି;କିନ୍ତୁ ଏହି ପରିବର୍ତ୍ତନ ଏବଂ ପ୍ରତିଷ୍ଠାକୁ ଓଡ଼ିଆ ଭାଷାରେ ମାନକତା ଦୃଷ୍ଟିରୁ ମାନ୍ୟତା ପ୍ରାପ୍ତ ହୋଇ ନ ଥିବାରୁ ଏ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇଛି । ଏହାକୁ ଏକ ଦୋଷ ଭାବରେ ବିଚାର କରିହେବ ।

- ପଣ୍ଡିତ ନାରାୟଣ ମହାପାତ୍ର ଓ ଅଧ୍ୟାପକ ଶ୍ରୀଧର ଦାସଙ୍କ ପ୍ରଣୀତ 'ବିବିଧକୋଷ' (୧୯୬୯)ରେ ଯେଉଁ ଭିନ୍ନ ଭିନ୍ନ ବିଷୟମୂଳକ ଆଶୟଶବ୍ଦ ବା ବାକ୍ୟଗୁଡ଼ିକୁ ସ୍ଥାନିତ କରାଯାଇଛି, ସେଗୁଡ଼ିକର ଉପାଦେୟତା ରହିଛି ବୋଲି ମନେହୁଏ । ଏଭଳି କୋଷ ରଚନାରେ ୧୯୬୯ ମସିହା ପୂର୍ବରୁ କେହି ପ୍ରଣେତା ମନୋନିବେଶ କରିଥିବାର ପ୍ରାୟତଃ ଲକ୍ଷ୍ୟ କରାଯାଏ ନାହିଁ । ପ୍ରଣେତାଦ୍ୱୟଙ୍କର ଏତାଦୃଶ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ ।
- କୁଞ୍ଜବିହାରୀ ତ୍ରିପାଠୀଙ୍କ *'An Anchalika-Sabdakosha Of The Oriya Language'*(1974)କୁ ଓଡ଼ିଆ ଭାଷାର ପ୍ରଥମ ଆଞ୍ଚଳିକ ଶବ୍ଦକୋଷ ଭାବରେ ଉଲ୍ଲେଖ କରିଛନ୍ତି ଆଲୋଚ୍ୟ ଗ୍ରନ୍ଥର ପ୍ରଣେତା ନିଜେ କୁଞ୍ଜବିହାରୀ ତ୍ରିପାଠୀ । ଏଭଳି ଅଭିଧାନ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ସମ୍ବଲପୁରୀ ଭାଷାର ଶବ୍ଦ, କ୍ରିୟା, ବାକ୍ୟ, ବିଭକ୍ତି ଇତ୍ୟାଦିକୁ ଆଧାର କରି ପ୍ରଣେତା ପ୍ରଫୁଲ୍ଲ କୁମାର ତ୍ରିପାଠୀ ଏକ ସ୍ୱତନ୍ତ୍ର କିସମର ସମ୍ବଲପୁରୀ ଅଭିଧାନ ପ୍ରଣୟନ କରିଛନ୍ତି । ଏହା ମଧ୍ୟ ଆଞ୍ଚଳିକ ଭାଷାର ଏକ ସ୍ୱତନ୍ତ୍ର ଅଭିଧାନ ଏବଂ ଅଭିନବ ଉଦ୍ୟମ ।
- ବୈକୁଣ୍ଠନାଥ ନାଥ ଆଚାର୍ଯ୍ୟଙ୍କ 'ବ୍ୟାବହାରିକ ବିଦ୍ୟାର୍ଥୀ ଅଭିଧାନ'(୧୯୮୪)ରେ ଯେଉଁ ସର୍ଗବଦ୍ଧ ବ୍ୟବସ୍ଥାପୂର୍ବକ ଆଶୟଶବ୍ଦର ଆଭିଧାନିକ ଅର୍ଥ ପ୍ରଦାନ କରିବା ସହିତ ଅନ୍ୟାନ୍ୟ ପ୍ରସଙ୍ଗକୁ ସଂଯୁକ୍ତ କରିବାର ଦୃଷ୍ଟାନ୍ତ ରହିଛି, ତାହା ଏ ପର୍ଯ୍ୟନ୍ତ ସଙ୍କଳିତ ହୋଇଥିବା କୌଣସି ଅଭିଧାନରେ ଲକ୍ଷ୍ୟ କରାଯାଏନାହିଁ ।
- ଗିରୀଶ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ପ୍ରଣୀତ 'ଆର୍ଯ୍ୟ ଓଡ଼ିଆ ଅଭିଧାନ'ରେ ଆଶୟଶବ୍ଦକୁ ବ୍ୟାଖ୍ୟା କରିବା ପାଇଁ ପ୍ରାୟୋଗିକ ସ୍ତରରେ ଯେଉଁ ଆଧୁନିକ କବି ଓ ଲେଖକମାନଙ୍କର ବିଭିନ୍ନ କୃତିର ଅଂଶକୁ ଉଦ୍ଧାର କରାଯାଇଛି, ତାହା ଏକ ନବୀନ ଉଦ୍ୟମ ବୋଲି କହିହେବ । ଏହି ପର୍ଯ୍ୟାୟରେ ପ୍ରଣେତା ମହାଶୟ ରାଧାନାଥ, ଗୋପାଳଚନ୍ଦ୍ର ପ୍ରହରାଜ, ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, ଗୋପୀନାଥ ମହାନ୍ତି, ଫକୀରମୋହନ ସେନାପତି, କାଳିନ୍ଦୀ ଚରଣ ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ କବି, ଲେଖକମାନଙ୍କର ବିଭିନ୍ନ ଉଦ୍ଧୃତିକୁ ନିଜ ପ୍ରଣୀତ ଆର୍ଯ୍ୟ ଓଡ଼ିଆ ଅଭିଧାନରେ ସ୍ଥାନିତ କରିଛନ୍ତି । ଏହି ପ୍ରଭାବରେ ପ୍ରଭାବିତ ହୋଇ ନଟବର ଶତପଥୀ ୨୦୦୮ ମସିହାରେ ଯେଉଁ 'ଶବ୍ଦସିନ୍ଧୁ' ଅଭିଧାନ ପ୍ରଣୟନ କରିଛନ୍ତି, ସେଥିରେ ଅସଂଖ୍ୟ ନୂତନ କବି, ଲେଖକମାନଙ୍କର କବିତାଂଶ ତଥା ଲେଖାଂଶକୁ ଉଦ୍ଧାର କରିଛନ୍ତି ।
- ୨୦୦୮ ମସିହାରେ ପ୍ରଣୀତ ନଟବର ଶତପଥୀ ତାଙ୍କ 'ଶବ୍ଦସିନ୍ଧୁ' (୨୦୦୮) ରେ ଯେଉଁ ଦୃଷ୍ଟାନ୍ତ ବା ଉଦ୍ଧୃତିଗୁଡ଼ିକୁ ବ୍ୟାଖ୍ୟାକରଣ କିମ୍ବା ପ୍ରାୟୋଗିକ ସ୍ତରରେ ସଂଯୁକ୍ତ କରିଛନ୍ତି, ସେଗୁଡ଼ିକୁ ଆଖିଦୃଶିଆ କରିବା ପାଇଁ ବଙ୍କା ଅକ୍ଷର ବା ଇଟାଲିକ୍ ଶୈଳୀର ବ୍ୟବହାର କରିଛନ୍ତି । ଏହି ବ୍ୟବହାର ପୂର୍ବରୁ କେହି କରିଥିବାର ମନେ ହୁଏନାହିଁ । 'ଶବ୍ଦସିନ୍ଧୁ' ରେ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ପରି ପ୍ରାପ୍ତିସ୍ୱୀକାର ମୂଳକ ବିଶେଷତ୍ୱକୁ ଉଲ୍ଲେଖ କରାଯାଇଛି । ଯେଉଁ ପରମ୍ପରା 'ପ୍ରମୋଦ–ଅଭିଧାନ' ଠାରୁ ବର୍ଜିତ ହୋଇଆସିଥିଲା, ତାହାକୁ ପୁଣି ଥରେ ନଟବର ଶତପଥୀ ପ୍ରଚଳନ କରାଇଛନ୍ତି । 'ପୂଜ୍ୟପୂଜା' ପରମ୍ପରାରେ ଏହା ଏକ ସ୍ୱାଗତଯୋଗ୍ୟ ସଂଯୋଗ ବୋଲି କହିହେବ । ବିଭିନ୍ନ ଆଶୟଶବ୍ଦର ବ୍ୟାଖ୍ୟା ସମୟରେ ପ୍ରଣେତା ବିଭିନ୍ନ ଲେଖକ, ସମାଲୋଚକ, ଟୀକାକାର ପ୍ରଭୃତିଙ୍କର ନାମୋଲ୍ଲେଖ କରିଛନ୍ତି । ଏଭଳିକି ଆବଶ୍ୟକସ୍ଥଳେ ପୂର୍ବ-ପ୍ରଣେତାମାନଙ୍କର ଯେଉଁ ଆଶୟଶବ୍ଦ ଏବଂ ସମ୍ପୃକ୍ତ ଆଶୟଶବ୍ଦର ଅର୍ଥସ୍ତରୀୟ କିମ୍ବା ଶବ୍ଦସ୍ତରୀୟ ବ୍ୟାଖ୍ୟାନକୁ ଅବିକଳ ନକଲ କରିଛନ୍ତି, ତାହାକୁ ବିନୟର ସହିତ ଉଲ୍ଲେଖ କରିଛନ୍ତି । ଯଥା- "କାଟା (ତେଲୁଗୁ, ଗଞ୍ଜାମର ବହୁ ବ୍ୟବହାର, ନନ୍ଦ) ବି. ଚିଠିପତ୍ରର ବିଡ଼ା।"

ବ୍ୟାଖ୍ୟାମୂଳକ ଉଦ୍ଧୃତି ପର୍ଯ୍ୟାୟରେ 'ଶବ୍ଦସିନ୍ଧୁ' ଅଭିଧାନରେ ଯେଉଁ ବିଶେଷତ୍ୱଗୁଡ଼ିକ ଅଧିକ ମୌଳିକ ମନେହୁଏ, ତାହା ହେଉଛି ଆଧୁନିକ ଲେଖକମାନଙ୍କର ବିଭିନ୍ନ ଉଦ୍ଧୃତାଂଶକୁ ସାମିଲ କରାଇବା । ଏଥିରେ ପ୍ରଣେତା ଗୋଲୋକବିହାରୀ ଧଳ, ଅମରେଶ ପଟ୍ଟନାୟକ, ଦୀପକ ମିଶ୍ର, ଖଗେଶ୍ୱର ମହାପାତ୍ର, କୁଞ୍ଜବିହାରୀ ତ୍ରିପାଠୀ, ସଚ୍ଚି ରାଉତରାୟ, ପ୍ରମୋଦ କୁମାର ମହାନ୍ତି, ରବି ସିଂ, ଗଗନେନ୍ଦ୍ର ଦାସ,

ଗିରିଜା ବଳିୟାରସିଂହ, ଗୁରୁପ୍ରସାଦ ମହାନ୍ତି, ମନୋଜ ଦାସ, ରମାକାନ୍ତ ରଥ, ଅନନ୍ତ ପଟ୍ଟନାୟକ, ପ୍ରକାଶ କୁମାର ପରିଡ଼ା, ଦେବୀପ୍ରସନ୍ନ ପଟ୍ଟନାୟକ, ରାଜେନ୍ଦ୍ର କିଶୋର ପଣ୍ଡା, ମନୋରଞ୍ଜନ ଦାସ, ମହାପାତ୍ର ନୀଳମଣି ସାହୁ, ବେଣୁଧର ରାଉତ, ଡ. ବେଣୀମାଧବ ପାଢ଼ୀ, ଡ. ଦୀନନାଥ ପାଠୀ, ଚନ୍ଦ୍ରଶେଖର ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ, ସୀତାକାନ୍ତ ମହାପାତ୍ର, ସୁରେନ୍ଦ୍ର ମହାନ୍ତି, ଧନେଶ୍ୱର ମହାପାତ୍ର, ମାୟାଧର ମାନସିଂହ, ସୌଭାଗ୍ୟ କୁମାର ମିଶ୍ର, ସୌରୀନ୍ଦ୍ର ବାରିକ ପ୍ରମୁଖଙ୍କର ଗ୍ରନ୍ଥ ଏବଂ ଆବଶ୍ୟକ ସ୍ଥଳେ ପାଠାଂଶ ବା କବିତାଂଶକୁ ଉଦ୍ଧୃତ କରାଇ ଆଶୟଶବ୍ଦର ବ୍ୟାଖ୍ୟାକୁ ଅଧିକ ଭାବଗର୍ଭକ କରାଯାଇଛି । ଏହା ପୂର୍ବରୁ କୌଣସି ଅଭିଧାନରେ ସବିସ୍ତାରରେ ଏଭଳି ଉପସ୍ଥାପନ କରିବା ଘଟଣା ଦୃଷ୍ଟି ପଥାରୂଢ଼ ହୁଏନାହିଁ ।

'ଶବ୍ଦସିନ୍ଧୁ'ରେ ଅଭିଧାନ ରଚନା କରିବାର ବିଭିନ୍ନ ପଦ୍ଧତିକୁ ଯଥୋଚିତ ଭାବରେ ପ୍ରୟୋଗ କରିବା ପାଇଁ ଚେଷ୍ଟା କରାଯାଇଛି । ଏହାକୁ ଓଡ଼ିଆ ଭାଷାର ନବ ଅଭିଧାନ ବୋଲି ମଧ୍ୟ କୁହାଯାଇଛି; କିନ୍ତୁ ଏଥିରେ ମଧ୍ୟ ଅନେକ ତ୍ରୁଟି ବିଚ୍ୟୁତି ରହିଛି, ଯେଉଁଗୁଡ଼ିକ ସଂଶୋଧିତ ହେଲେ ଅଭିଧାନଟି ଅଧିକ ସାର୍ଥକତା ଓ ସାମର୍ଥ୍ୟ ଅର୍ଜନ କରିପାରିବ ।

ଉପର୍ଯ୍ୟୁକ୍ତ ସମୀକ୍ଷାତ୍ମକ ମୂଲ୍ୟାୟନରେ ଯେଉଁ ନିଷ୍କର୍ଷକୁ ଦର୍ଶାଯାଇଛି, ତାହା ବାହାରେ ହୁଏତ ଆହୁରି ଅଧିକ କିଛି ଥାଇପାରେ । ସମୁଦାୟ ପାଖାପାଖି ୨୦୩ବର୍ଷ ଅବଧି ମଧ୍ୟରେ ପ୍ରଣୀତ ହୋଇଥିବା ଶବ୍ଦକୋଷଗୁଡ଼ିକୁ ନେଇ ଏହି ସମୀକ୍ଷାତ୍ମକ ମୂଲ୍ୟାୟନ କାର୍ଯ୍ୟ ହୋଇଥିବାରୁ ପୁଙ୍ଖାନୁପୁଙ୍ଖ ଭାବରେ ସବୁ ଦିଗକୁ ସ୍ପର୍ଶ କରାଯାଇପାରି ନାହିଁ । ଯେତିକି ଆଖିରେ ପଡ଼ିଛି, ତାହାକୁ ନେଇ ଆଲୋଚନାଟି ସମ୍ପାଦିତ । ପରବର୍ତ୍ତୀ ପର୍ଯ୍ୟାୟରେ ଏ ଦିଗରେ ଉଦ୍ୟମ କରାଯିବ । ପୁନଶ୍ଚ ଯେତିକି ଅଭିଧାନ ହସ୍ତଗତ ହୋଇଛି, ସେତିକିକୁ ନେଇ ଆଲୋଚନାଟିରେ ଯଥାର୍ଥତା ପ୍ରତିପାଦନ କରିବା ପାଇଁ ଚେଷ୍ଟା କରାଯାଇଛି । ଅନ୍ୟାନ୍ୟ ଅଭିଧାନଗୁଡ଼ିକର ବିଶେଷତ୍ୱକୁ ଏଠାରେ ସେଥିପାଇଁ ସ୍ଥାନିତ କରାଯାଇନାହିଁ । ଅଭିଧାନକୁ ନେଇ ସମାଲୋଚନାଧର୍ମୀ କାର୍ଯ୍ୟ ନିର୍ବାହ କରିବା ମୂଳତଃ ଏକ ଦୁରୂହ ତଥା କଷ୍ଟସାଧ୍ୟ ବ୍ୟାପାର ହୋଇଥିବାରୁ ସାଧ୍ୟମତେ ଯେତିକି ସମ୍ଭବ, ସେତିକି କରାଯାଇଛି । ତେବେ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ବିଶେଷ କରି ୧୯୪୦ ମସିହା ପର୍ଯ୍ୟନ୍ତ ଯେଉଁ ଉଦ୍ୟମ ଏବଂ ଉଦ୍‌ଯୋଗ ପ୍ରଣେତାମାନଙ୍କ ଦ୍ୱାରା କରାଯାଉଥିଲା, ସେଥିରେ କ୍ରମଶଃ ସ୍ଥାଣୁତା ଦେଖାଦେଇଛି । ସେଥିପାଇଁ ଅଧିକାଂଶ ଅଭିଧାନ ପ୍ରଣେତାମାନେ ପ୍ରହରାଜ, ଗୋପୀନାଥ, କୃଷ୍ଣଚନ୍ଦ୍ର ପ୍ରମୁଖଙ୍କର ଅଭିଧାନକୁ ନକଲ କରି ଅଭିଧାନ ପ୍ରଣେତାର ଆସନରେ ନିଜକୁ ମଣ୍ଡନ କରିବା ପାଇଁ ଚେଷ୍ଟା କରୁଛନ୍ତି । ତେବେ ଓଡ଼ିଆ ଅଭିଧାନ ପ୍ରଣୟନ ପରମ୍ପରା ଧାରାରେ ଯେଉଁ ଯେଉଁ ଉଦ୍ୟମ ଉତ୍କଳରେ ହୋଇଛି, ତାହା ସର୍ବଭାରତୀୟ ସ୍ତରରେ ବିଭିନ୍ନ ଭାଷାରେ ବିଭିନ୍ନ ପ୍ରଣେତାମାନଙ୍କ ଦ୍ୱାରା ହେଉଥିବା ଉଦ୍ୟମଠାରୁ କୌଣସି ଗୁଣରେ ନ୍ୟୂନ ମନେହୁଏ ନାହିଁ ।

## ସହାୟକ ଗ୍ରନ୍ଥସୂଚୀ:


୧. ତ୍ରିପାଠୀ, କୁଞ୍ଜବିହାରୀ, ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ପରିମାର୍ଜିତ ସଂସ୍କରଣ- ୨୦୦୭

୨. ଦାଶ, ଗଗନେନ୍ଦ୍ରନାଥ, ଓଡ଼ିଆ ଭାଷାଚର୍ଚ୍ଚାର ପରଂପରା, ଓଡ଼ିଆ ଗବେଷଣା ପରିଷଦ, କଟକ-୧୦, ପ୍ରଥମ ପ୍ରକାଶ- ୧୯୮୩

୩. ଦାସ, ପଣ୍ଡିତ ନୀଳକଣ୍ଠ, ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ, ନବଭାରତ ଗ୍ରନ୍ଥାଳୟ, କଟକ, ୧୯୪୮

୪. ଦାସ, ଡ. ରବୀନ୍ଦ୍ର କୁମାର, ପ୍ରାୟୋଗିକ ଶୈଳୀବିଜ୍ଞାନ, ଚିନ୍ମୟ ପ୍ରକାଶନୀ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ-୨, ପ୍ରଥମ ପ୍ରକାଶ-୨୦୧୨

୫. ଧଳ, ଗୋଲୋକବିହାରୀ, ଧ୍ୱନି ବିଜ୍ଞାନ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ଷଷ୍ଠ ସଂସ୍କରଣ-୨୦୦୯

୬. ଧଳ, ଗୋଲୋକବିହାରୀ, ଓଡ଼ିଆ କେବେ ?, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ତୃତୀୟ ସଂସ୍କରଣ-୧୯୯୫

୭. ଧଳ, ଗୋଲୋକବିହାରୀ, ଭାଷାଶାସ୍ତ୍ର ପରିଚୟ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶକ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, ପୁନର୍ମୁଦ୍ରଣ-୨୦୦୮

୮. ନନ୍ଦଶର୍ମା, ପଣ୍ଡିତ ଗୋପୀନାଥ, ଓଡ଼ିଆ ଭାଷାତତ୍ତ୍ୱ, ପ୍ର.- ଶ୍ରୀ ବଳଭଦ୍ର ନନ୍ଦ ଶର୍ମା, ପ୍ରଥମ ସଂସ୍କରଣ- ୧୯୨୭

୯. ପଟ୍ଟନାୟକ, ଦେବୀପ୍ରସନ୍ନ, ଓଡ଼ିଆ ଭାଷା ଓ ଭାଷାବିଜ୍ଞାନ, ଗ୍ରନ୍ଥ ମନ୍ଦିର, କଟକ-୨, ପରିମାର୍ଜିତ ନୂତନ ସଂସ୍କରଣ- ୨୦୦୭

୧୦. ପାଢ଼ୀ, କୀର୍ତ୍ତନ ନାରାୟଣ, ଓଡ଼ିଆ ଭାଷାର ଶାସ୍ତ୍ରୀୟତା, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ୍ ମିଉଜିକ୍, ଭୁବନେଶ୍ୱର-୨୪, ପ୍ରକାଶ କାଳ- ୨୦୧୨

୧୧. ପ୍ରଧାନ, କୃଷ୍ଣଚନ୍ଦ୍ର ଓ ହୋତା, ବ୍ରଜକିଶୋର ଓ ପ୍ରଧାନ, ଭାସ୍କର, ସାରସ୍ୱତ ବ୍ୟାବହାରିକ ଓଡ଼ିଆ ବ୍ୟାକରଣ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ-୨, ପରିମାର୍ଜିତ ସଂସ୍କରଣ-୨୦୧୨

୧୨. ପ୍ରଧାନ, ଶରତ୍‌ଚନ୍ଦ୍ର ଓ ଦାଶ, ଗଗନେନ୍ଦ୍ର ନାଥ ଓ ମହାନ୍ତି, ପଞ୍ଚାନନ ଓ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର, ଓଡ଼ିଆ ବ୍ୟାକରଣ, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ପ୍ରଥମ ମୁଦ୍ରଣ-୧୯୯୫

୧୩. ମହାନ୍ତି, ବଂଶୀଧର, ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨, ପଞ୍ଚମ ମୁଦ୍ରଣ-୧୯୯୫

୧୪. ମହାଂତି, ବିଜୟଲକ୍ଷ୍ମୀ, ଓଡ଼ିଆ ବ୍ୟାକରଣ ବିଚାର, ଓଡ଼ିଶା ଲେଖକ ସମବାୟ ସମିତି ଲି., ଭୁବନେଶ୍ୱର, ପ୍ରକାଶ-୧୯୯୮

୧୫. ମହାପାତ୍ର, ଖଗେଶ୍ୱର, ଓଡ଼ିଆ ଲିପି ଓ ଭାଷା, ଗ୍ରନ୍ଥମନ୍ଦିର, କଟକ-୨, ପରିବର୍ଦ୍ଧିତ ସଂସ୍କରଣ-୧୯୯୩

୧୬. ମହାପାତ୍ର, ଖଗେଶ୍ୱର, ପ୍ରନ୍-ଓଡ଼ିଆ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ଦ୍ୱିତୀୟ ସଂସ୍କରଣ-୧୯୯୪

୧୭. ମହାପାତ୍ର, ଧନେଶ୍ୱର, ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦ ସମ୍ଭାର, ଫ୍ରେଣସ ପବ୍ଲିଶର୍ସ, କଟକ-୨, ଦ୍ୱିତୀୟ ସଂସ୍କରଣ-୧୯୯୭

୧୮. ମହାପାତ୍ର, ଧନେଶ୍ୱର, ଆଧୁନିକ ଓଡ଼ିଆ ବ୍ୟାକରଣ, କିତାବ ମହଲ, କଟକ-୩, ଚତୁର୍ଥ ସଂସ୍କରଣ- ୨୦୦୭

୧୯. ମହାପାତ୍ର, ଡ. ଧନେଶ୍ୱର, ସରଳ ଓଡ଼ିଆ ଅଭିଧାନ, ଆମ ଓଡ଼ିଶା, ଭୁବନେଶ୍ୱର-୧, ପ୍ରଥମ ସଂସ୍କରଣ-୨୦୦୪

୨୦. ମହାପାତ୍ର, ନାରାୟଣ ଓ ଶ୍ରୀଧର ଦାସ, ସର୍ବସାର ବ୍ୟାକରଣ, ନିର ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ-୨, ପ୍ରଥଣ ସଂସ୍କରଣ- ୧୯୪୩

୨୧. ମହାପାତ୍ର, ବିଜୟ ପ୍ରସାଦ, ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷାତତ୍ତ୍ୱ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ପ୍ରଥମ ସଂସ୍କରଣ-୧୯୯୯

୨୨. ମହାପାତ୍ର, ବିଜୟପ୍ରସାଦ, ମାତୃଭାଷା ଓଡ଼ିଆ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ପ୍ରଥମ ସଂସ୍କରଣ-୧୯୯୭

୨୩. ମହାପାତ୍ର, ବିଜୟ ପ୍ରସାଦ, ପ୍ରଚଳିତ ଓଡ଼ିଆ ଭାଷାର ଏକ ବ୍ୟାକରଣ, ବିଦ୍ୟାପୁରୀ, କଟକ-୨, ତୃତୀୟ ମୁଦ୍ରଣ -୨୦୧୨

୨୪. ସଂ.--ମହାପାତ୍ର, ମହେଶଚନ୍ଦ୍ର, ବିଦ୍ୟାବାଗୀଶ, ଗଦାଧର, ଓଡ଼ିୟା ଭାଷାର ବ୍ୟାକରଣ, ଗୋପବନ୍ଧୁ ସାହିତ୍ୟ ମନ୍ଦିର, କଟକ-୧, ପ୍ରକାଶ କାଳ-୧୮୦୬

୨୫. ମିଶ୍ର, ପଣ୍ଡିତ ବିନାୟକ, ଓଡ଼ିଆ ଭାଷାର ପୁରାତତ୍ତ୍ୱ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ତୃତୀୟ ସଂସ୍କରଣ-୨୦୧୩

୨୬. ରଥ, ସରୋଜକାନ୍ତ, ମିତା ସରଳ ଓଡ଼ିଆ ବ୍ୟାକରଣ, ମିତା ବୁକ୍ସ, କଟକ-୨, ପ୍ରଥମ ସଂସ୍କରଣ-୨୦୦୭

୨୭. ସାହୁ, ବାସୁଦେବ, ଭାଷାବିଜ୍ଞାନର ରୂପରେଖ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ସପ୍ତମ ପ୍ରକାଶ-୨୦୦୫

୨୮. ସେନାପତି ଫକୀରମୋହନ, ଉତ୍କଳ ବ୍ୟାକରଣ, ସଂ. ପଟ୍ଟନାୟକ, କଇଳାଶ, ଫକୀରମୋହନଙ୍କ ଦୁଷ୍ପ୍ରାପ୍ୟ ରଚନାବଳୀ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ପ୍ରଥମ ସଂସ୍କରଣ - ୧୯୯୮

୨୯. ସଂପାଦନା- ପ୍ର. ଗିରିବାଳା ମହାନ୍ତି, ବିଶ୍ୱଭାରତୀ ଦୀପିକା ୨୬ : ୨୦୧୦, ମୁଦ୍ରଣ- ଏଥେନା ବୁକ୍ସ, ଭୁବନେଶ୍ୱର- ୨

୩୦. Landau, Sidney I., *Dictionaries* (*The Art and Craft of Lexicography*), Cambridge University Press, Trumpington, Cambridge, First Published-1984 and Reprinted-1993.

୩୧. Pattanayak, Dr. Debi Prasanna, *Classical Odia, KIS Foundation*, Bhubaneswar, First Edition-2013.

୩୨. *First Course of Lectures on General Linguistics, Second Course of Lectures on General Linguistics, Third Course of Lectures on General Linguistics*- by Furdinand de Saussure.

୩୩. *An Introduction to Applied Linguistics*, Edited by Norbert Schmitt, Hodder Education, 2011.

୩୪. *The Encyclopedia of Language and Linguistics*, Editor-R.E.Asher, Pergamon Press, First Sdition-1994.

୩୫. *The New Encyclopedia Britannica* Vol.4, Peter B. Norton, Encyclopedia Britannica, Inc., 15th Edition-1994.